# Odisha Legislative Assembly

## ପ୍ରଥମ ଅଧିବେଶନ

## ଲିଖିତ ଉତ୍ତର ନିମନ୍ତେ ପ୍ରଶ୍ନାବଳୀ

## ୦୫ ସେପ୍ଟେମ୍ବର ୨୦୨୪

----

**[ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା - ଇସ୍ପାତ ଓ ଖଣି - ଯୋଜନା ଓ ସଂଯୋଜନ - ବାଣିଜ୍ୟ - ପରିବହନ - ସୂଚନା ଓ ଲୋକ ସମ୍ପର୍କ - ଜଳ ସମ୍ପଦ ମୁଖ୍ୟମନ୍ତ୍ରୀ ].**

**ମୋଟ ପ୍ରଶ୍ନର ସଂଖ୍ୟା - 233**

----

### ବସ୍ ଷ୍ଟାଣ୍ଡ ସ୍ଥାନାନ୍ତର

**3244 ଶ୍ରୀ ରୋହିତ ଯୋଶେଫ ତିର୍କି (ବୀରମିତ୍ରପୁର):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-ପଞ୍ଚାୟତ ସମିତି କଲେଜ ନୂଆଗାଁକୁ ଲାଗି ନିର୍ମାଣାଧିନ ବସ୍ ଷ୍ଟାଣ୍ଡ ବିରୁଦ୍ଧରେ ପ୍ରବଳ ଜନ ଅସନ୍ତୋଷ ଦେଖାଦେବାବେଳେ ଉକ୍ତ କଲେଜର ପାଚେରୀ ଭାଙ୍ଗି ଥିବା ବିଷୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟିକୁ ଆସିଛି କି, ଉକ୍ତ ବିଷୟକୁ ଦୃଷ୍ଟିରେ ରଖି ବସ୍ ଷ୍ଟାଣ୍ଡ ଅନ୍ୟତ୍ର ସ୍ଥାନାନ୍ତର କରାଯାଉଥିବା ଦାବି ଉପରେ କର୍ତ୍ତୃପକ୍ଷ ବ୍ୟବସ୍ଥା କରିବେ କି ?

----

### ମକଦ୍ଦମା ସଂଖ୍ୟା

**3678 ଶ୍ରୀ ଭାସ୍କର ମଢେଇ (ଉଦଳା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:-ରାଜ୍ୟରେ ଥିବା ଓଡିଶା ସୂଚନା କମିଶନ RTI form-D ରେ 2024 ଠାରୁ ଆଜିପର୍ଯ୍ୟନ୍ତ Apeac ରେ ଆସିଥିବା ମକଦ୍ଦମାଗୁଡିକ ସଂଖ୍ୟା କେତେ, କେବେସୁଦ୍ଧା ସମାଧାନ କରାଯିବ କେବେ ସୂଚନା କର୍ମୀ ସୂଚନା ପାଇବେ ତାର ଏକ ତଥ୍ୟ ପ୍ରଦାନ କରିବେ କି ?

----

## C.L.R ନିଯୁକ୍ତି ସମ୍ପର୍କରେ

**3690 ଶ୍ରୀ ନଳିନୀ କାନ୍ତ ପ୍ରଧାନ (ଆଠମଲ୍ଲିକ)ঃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିঃ-ঃ-

Boudh Irrigation Division ରେ ଚଞ୍ଚକତା କରି ଅଭିଜ୍ଞ ବରିଷ୍ଠ C.L.R କର୍ମଚାରୀ ମାନଙ୍କୁ କାର୍ଯ୍ୟରୁ ଅନ୍ତର କରାଯାଇ ପିୟାପ୍ରିତି ପୋଷଣକରି ନୂତନ C.L.R କର୍ମଚାରୀ ମାନଙ୍କୁ ନିୟୋଜିତ କରିଥିବା ତଥ୍ୟ ସରକାରଙ୍କ ଦୃଷ୍ଟି କୁ ଆସିଅଛି କି ଏ ସମ୍ପର୍କରେ ବଉଦ ଜିଲ୍ଲାପାଳଙ୍କୁ ପାଖରେ 20 ଜଣ କର୍ମଚାରୀ Vide Registration No. 11 Dt. 22.07.2024 ରେ ଅଭିଯୋଗ କରିଥିବା ସତ୍ୟ କି ଉତ୍ତର ଯଦି ହଁ ହୁଏ ଉକ୍ତ ଅଭିଯୋଗ ଅଭିଯୋଗ ଉପରେ ବର୍ତ୍ତମାନ ପର୍ଯ୍ୟନ୍ତ କଣ କାର୍ଯ୍ୟାନୁଷ୍ଠାନ କରାଯାଇଅଛି ?

----

## ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ଯୋଗାଣ

**3796 ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ)ঃ**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିঃ-ঃ-

(କ) ବିଗତ ଫନୀ ସମୟରେ ସତ୍ୟବାଦୀ ଓ କଣାସ ବ୍ଲକର କେଉଁ ଗ୍ରାମ ପଞ୍ଚାୟତରେ କେଉଁ ଗ୍ରାମର କେତେ ପରିବାରଙ୍କ ଘର ଭାଙ୍ଗି ଥିବା ସର୍ବେକ୍ଷଣ କରାଯାଇଥିଲା, ତନ୍ମଧ୍ୟରୁ କେତେ ପରିବାରକୁ ଘରଭଙ୍ଗା ସାହାଯ୍ୟ ପ୍ରଦାନ କରାଯାଇଛି ଏବଂ କ୍ଷତିଗ୍ରସ୍ତ ପରିବାରଙ୍କୁ ବିଜୁ ପକ୍କା ଘର ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କେଉଁମାନଙ୍କୁ କେଉଁ ଆଧାରରେ ବାସଗୃହ ଯୋଗାଇ ଦିଆଯାଇଛି ତାହାର ତାଲିକା ପ୍ରଦାନ କରିବେ କି, (ଖ) ବହୁ କ୍ଷତିଗ୍ରସ୍ତଙ୍କୁ ଏହି ତାଲିକାରୁ ବାଦ ଦିଆଯାଇଥିବା ଅଭିଯୋଗ ପରିପ୍ରେକ୍ଷୀରେ ପୁନଃ ସର୍ବେକ୍ଷଣ କରି ଆବାସ ଯୋଗାଇ ଦେବାକୁ ବ୍ୟବସ୍ଥା କରିବେ କି ?

----

## ବର୍ଷା ପରିମାଣ ହ୍ରାସ

**3858 ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର)ঃ**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିঃ-ঃ-ବଲାଙ୍ଗୀର ଜିଲ୍ଲାରେ ବିଗତ ତିନି ବର୍ଷରେ କେତେ ପରିମାଣର ବର୍ଷା ହୋଇଛି, ତନ୍ମଧ୍ୟରୁ ମୌସୁମୀ ବର୍ଷା ଓ ଲଘୁଚାପ ବର୍ଷା ପରିମାଣ କେତେ ପ୍ରକାଶ କରି ଜିଲ୍ଲାରେ ପରିବେଶରେ ତାରତମ୍ୟ ହେତୁ ବର୍ଷା ପରିମାଣ ହ୍ରାସ ପାଉଥିବା ପରିପ୍ରେକ୍ଷୀରେ ଏହାର ସମାଧାନ ପାଇଁ କି ପଦକ୍ଷେପ ନିଆଯାଉଅଛି ?

----

## ବର୍ଷା ପରିମାଣ ହ୍ରାସ

**3858 ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର)ঃ**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-ବଲାଙ୍ଗୀର ଜିଲ୍ଲାରେ ବିଗତ ତିନି ବର୍ଷରେ କେତେ ପରିମାଣର ବର୍ଷା ହୋଇଛି, ତନ୍ମଧ୍ୟରୁ ମୌସୁମୀ ବର୍ଷା ଓ ଲଘୁଚାପ ବର୍ଷା ପରିମାଣ କେତେ ପ୍ରକାଶ କରି ଜିଲ୍ଲାରେ ପରିବେଶରେ ତାରତମ୍ୟ ହେତୁ ବର୍ଷା ପରିମାଣ ହ୍ରାସ ପାଉଥିବା ପରିପ୍ରେକ୍ଷୀରେ ଏହାର ସମାଧାନ ପାଇଁ କି ପଦକ୍ଷେପ ନିଆଯାଉଅଛି ?

----

## ଜବର ଦଖଲ ଉଚ୍ଛେଦ ପାଇଁ ପଦକ୍ଷେପ

4154 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ବାଲେଶ୍ୱର ତହସିଲ ଅଧିନରେ ସରକାରୀ ଜମି, ଗୋଚର, ଅନାବାଦି, ଗୋଦାଣ୍ଡ ଭଳି ଅନେକ କିସମର କେତେ ଜମି କେଉଁ ସ୍ଥାନରେ ଅବରୋଧ କରାଯାଇଅଛି, ସ୍ଥାନର ନାମ ଓ ଜମିର ପରିମାଣ ସହ ତାହାର ଏକ ସବିଶେଷ ବିବରଣୀ ପ୍ରଦାନ କରିବେ କି ; (ଖ) ପଞ୍ଚୁପଡା ପୋଲର ବାମ ପାର୍ଶ୍ୱରେ ସରକାରୀ ଜମି ଓ ପୂର୍ତ୍ତ ବିଭାଗର ଜମିର ଅବରୋଧ କରାଯିବାର ଖବର ବିଭାଗ ପାଖରେ ଅଛି କି, ଉକ୍ତ ସ୍ଥାନରେ ପୂର୍ବରୁ ଅନେକ ବାର ଉଚ୍ଛେଦ କରାଯାଇ ଥିଲେ ମଧ୍ୟ ସରକାରୀ ଜାଗାକୁ ଦୁର୍ବୃତ୍ତମାନେ ଜୋର ଜବରଦସ୍ତ ଜବର ଦଖଲ କରିଥିବାରୁ ବିଭାଗ ପକ୍ଷରୁ ଉଚ୍ଛେଦ କରିବା ପାଇଁ ସ୍ୱତନ୍ତ୍ର ଯାଞ୍ଚ କରିବା ଦିଗରେ ପଦକ୍ଷେପ ଗ୍ରହଣ କରିବେ କି ?

----

## ସୁବର୍ଣ୍ଣରେଖା ସଂସ୍କାର ଯୋଜନା

4155 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ସୁବର୍ଣ୍ଣରେଖା ସଂସ୍କାର ଯୋଜନା ପ୍ରକଳ୍ପ କାର୍ଯ୍ୟକାରୀତା ସମ୍ବନ୍ଧରେ ବର୍ତ୍ତମାନ କେଉଁ ସ୍ଥିତିରେ, ଅତୀତରେ କେନ୍ଦ୍ର ସରକାର ଏହି ପ୍ରକଳ୍ପ ଅନୁମୋଦନ ଦେଇନଥିଲାବେଳେ କେଉଁ କାରଣରୁ ଅନୁମୋଦନ ମିଳିନଥିଲା ଓ ଏଥିଲାଗି କଣ ପରାମର୍ଶ କିମ୍ବା ପ୍ରସ୍ତାବ କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କୁ ଦେଇଥିଲେ, ପ୍ରତିବର୍ଷ ପ୍ରଳୟଙ୍କରୀ ବନ୍ୟାରେ ଧନ ଜୀବନ କ୍ଷତି ହେଉଥିବା ଦୃଷ୍ଟିରୁ ତଥା ଜଳେଶ୍ୱର, ବସ୍ତା, ଭୋଗରାଇ, ବାଲିଆପାଳ ଅଞ୍ଚଳ ଜନସାଧାରଣ ଆତଙ୍କିତ ଅବସ୍ଥାରେ ଥିବାବେଳେ ସରକାର ଏହାର ପ୍ରତିକାର ପାଇଁ କଣ ଫଳପ୍ରଦ ପଦକ୍ଷେପ ଗ୍ରହଣ କରିବେ?

----

## ସୁନା ଖଣି ସନ୍ଧାନ

4156 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ କେଉଁଠାରେ ସୁନା ଖଣିର ସନ୍ଧାନ ମିଳିଛି ଏହାର ବୈଷୟିକ ଦିଗ ଅନୁସନ୍ଧାନ କରାଗଲାଣି କି ; ଯଦି ହୋଇଥାଏ, ତେବେ କଣ ଖଣିରୁ ଉତ୍ତୋଳନ ସମ୍ବନ୍ଧରେ ସରକାରଙ୍କର ଯୋଜନା କଣ?

----

## ଅଚଳ ନଳକୂପ ମରାମତି

4157 **ଡ଼ଃ ଅରୁଣ କୁମାର ସାହୁ (ନୟାଗଡ଼):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

----

## ସୈନିକଙ୍କୁ ଜମି ପ୍ରଦାନ

4158 **ଡ଼ଃ ଅରୁଣ କୁମାର ସାହୁ (ନୟାଗଡ଼):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରକ୍ଷା ମନ୍ତ୍ରଣାଳୟର ପୂର୍ବ-ସୈନିକମାନଙ୍କ ନିମନ୍ତେ କେତେ ସରକାରୀ ଜମି ସଂରକ୍ଷିତ କରାଯାଇଥିଲା ଏବଂ ତନ୍ମଧ୍ୟରୁ କେତେ ପରିମାଣ ଜମି ବିଗତ 5 ବର୍ଷରେ କେତେଜଣ ଯୋଗ୍ୟ ହିତାଧିକାରୀମାନଙ୍କୁ ପ୍ରଦାନ କରାଯାଇଥିଲା ; ହିତାଧିକାରୀମାନଙ୍କର ନାମ, ଠିକଣା ସହ ଜମିର ପରିମାଣ ବର୍ଷ ଓ ଜିଲ୍ଲାୱାରୀ ତଥ୍ୟ ପ୍ରଦାନ କରିବେ କି ; ବର୍ତ୍ତମାନ ସୁଦ୍ଧା କେତେଜଣ ଜମି ପାଇବାର ପ୍ରତୀକ୍ଷା ତାଲିକାରେ ଅଛନ୍ତି ; ଜିଲ୍ଲାୱାରୀ ତଥ୍ୟ ଦେବେ କି ଓ ପ୍ରତୀକ୍ଷା ତାଲିକାଭୁକ୍ତ ପୂର୍ବ-ସୈନିକମାନଙ୍କୁ କେବେ ସୁଦ୍ଧା ଜମି ଦିଆଯିବ?

----

## ORERA ଆଇନ ଉଲ୍ଲଘଂନ

4159 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ORERA ଆଇନ ରାଜ୍ୟରେ କେବେଠୁ ଲାଗୁ କରାଗଲା ; ଏହାପରେ Rourkela ର Sub-Register Office ରେ ମୋଟ କେତେଗୋଟି ଜମି ORERA ଆଇନ ଅନୁଯାଇ Registration ହୋଇଛି ; ଏହାର ଗୋଟିଏ ଜମି registration କିଣା ବିକାର ନାମ ଠିକଣା ଜମି କିସମ ଅନୁଯାଇ ସବିଶେଷ ତାଲିକା ପ୍ରଦାନ କରିବେ କି ଏବଂ ORERA ଆଇନକୁ ଉଲ୍ଲଘଂନ କରି Registration ହୋଇଥିବା ଜମିଗୁଡିକ ଉପରେ ସରକାର କି କି ପଦକ୍ଷେପ ଗ୍ରହଣ କରିଛନ୍ତି ?

----

## ନୂତନ ବସ୍ ଟରମିନାଲ ନିର୍ମାଣ

4160 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

----

## ଇଭି ଯାନ ବାବଦରେ ସବସିଡ୍ ପ୍ରଦାନ

4161 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟ ସରକାର କେବେ ଠାରୁ ଇଭି ଯାନ ଉପରେ କେଉଁ ହାରରେ ରିହାତି ପ୍ରଦାନ କରୁଛନ୍ତି ଏବଂ ବର୍ତ୍ତମାନ ସୁଦ୍ଧା ରାଜ୍ୟରେ କେଉଁ ବର୍ଗର କେତେ ସଂଖ୍ୟକ ଇଭିଯାନ ହୋଇଛି, ଇଭି ଯାନ ବାବଦରେ ସବସିଡ୍ ପ୍ରଦାନ ପାଇଁ ଓଡିଶା ସରକାର ବର୍ତ୍ତମାନ ସୁଦ୍ଧା କେତେ ଅର୍ଥ ଯୋଗାଇ ଦେଇଛନ୍ତି ?

----

## ପଟୁ ନିଷ୍କାସନ ପାଇଂ ପଦକ୍ଷେପ

4162 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ-ଃ- ମହାନଦୀ ସମେତ ରାଜ୍ୟର କେଉଁ କେଉଁ ପ୍ରମୁଖ ନଦୀରେ ପଟୁ ଜମିଥିବା ସରକାରଙ୍କ ନଜରକୁ ଆସିଛି କି, ଏଥିଯୋଗୁଁ ନଦୀରେ ଜଳ ପ୍ରବାହ ହ୍ରାସ ପାଉଛି କି, ଯଦି ହଁ, ତେବେ ଏହି ପଟୁସବୁ ଶେଷଥର ପାଇଁ କେବେ ନିଷ୍କାସନ ହୋଇଥିଲା ଓ ଆଗାମୀ ଦିନରେ ନଦୀଶଯ୍ୟାରୁ ପଟୁ ସଫା କରିବାପାଇଁ ସରକାରଙ୍କର କ'ଣ ସବୁ ଯୋଜନା ରହିଛି ?

----

## ଗୋବରୀ ନଦୀର ପୁନଃରୁଦ୍ଧାର

4163 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ-ଃ- (କ) ଗୋବରୀ ନଦୀର ଉତ୍ପତ୍ତି ସ୍ଥଳ କେଉଁଠି ଓ ଏହି ନଦୀ ସମୁଦାୟ କେତେ କିଲୋମିଟର ଦୈର୍ଘ୍ୟ ଅତିକ୍ରମ କରି କେନ୍ଦ୍ରାପଡା ଜିଲ୍ଲାର କେଉଁ କେଉଁ ବ୍ଲକରେ ପ୍ରବାହିତ ହୋଇ କେଉଁ ସ୍ଥାନରେ କେଉଁ ନଦୀ ବା ସମୁଦ୍ରରେ ମିଶଅଛି, (ଖ) ଗୋବରୀ ନଦୀର ଅବବାହିକାରେ ଉଠାଜଳସେଚନ ପଏଣ୍ଟ ମାଧ୍ୟମରେ ଜଳସେଚନର ପ୍ରଚୁର ସମ୍ଭାବନା ହେତୁଏହାର ପୁନଃରୁଦ୍ଧାର ନିମନ୍ତେ ସରକାର ପଦକ୍ଷେପ ନେବେ କି ?

----

## ORISED ଆଇନ ପୁନଃ ପ୍ରଣୟନ

4164 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- (କ) ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟଙ୍କ ଜୁଲାଇ 25 ରାୟ ବଳରେ ଓଡ଼ିଶା ସରକାର ORISED ଆଇନ ପୁନଃ ପ୍ରଣୟନ କରିବାକୁ ଚିନ୍ତା କରୁଛନ୍ତି କି, (ଖ) ଏହି ରାୟ ବଳରେ ରାଜ୍ୟ ବର୍ଷକୁ କେତେ ପରିମାଣର ଅଧିକଖଣି ରାଜସ୍ୱ ପାଇ ପାରିବ ଓ ପିଛିଲା 2005 ରୁ ବକେୟା ଖଣି ରାଜସ୍ୱ କେତେ ଉପଲବଧ୍ ହେବ ?

----

## ବନ୍ଧ କାମ କରିବା ପାଇଁ ପଦକ୍ଷେପ

4165 **ଶ୍ରୀ ବ୍ୟୋମକେଶ ରାୟ (ଚାନ୍ଦବାଲି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ-ଃ- ଚାନ୍ଦବାଲି ନିର୍ବାଚନ ମଣ୍ଡଳୀର କେଉଁ କେଉଁ Irrigation ବନ୍ଧ ଲୋକ ଯାତାୟାତ ପାଇଁ ବ୍ୟବହାର କରୁଛନ୍ତି, ସେଥିମଧ୍ୟରୁ କେଉଁ କେଉଁ Irrigation ବନ୍ଧ ମାଟି କିମ୍ଵା metal ମୋରମ ହୋଇଛି, ସେହି ବନ୍ଧ ଗୁଡିକୁ ପିଚୁ କିମ୍ଵା କଂକ୍ରିଟ୍ କରିବାର ବ୍ୟବସ୍ଥା କରିବେ କି ?

----

## ଚାଷ ଜମିକୁ ଜଳସେଚନ

**4166 ଶ୍ରୀ ବ୍ୟୋମକେଶ ରାୟ (ଚାନ୍ଦବାଲି)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ-ଃ- ଚାନ୍ଦବାଲି ନିର୍ବାଚନ ମଣ୍ଡଳୀରେ କେତେ ଭାଗ ଚାଷ ଜମି ଜଳସେଚିତ ହୋଇଛି, ଅଧିକ ଜମି ଜଳସେଚନ ପାଇଁ ସରକାର କ'ଣ ବ୍ୟବସ୍ଥା କରୁଛନ୍ତି, ଚାନ୍ଦବାଲି ନିର୍ବାଚନ ମଣ୍ଡଳୀରେ କେତୋଟି Lift Irrigation Point ଅଛି,ଅଧିକ Lift Irrigation Point କରିବା ପାଇଁ ସରକାର କ'ଣ ପଦକ୍ଷେପ ନେଇଛନ୍ତି ?

----

## ଚେକ୍ ଡ୍ୟାମ୍ ନିର୍ମାଣ

**4167 ଡା. ଫକୀର ମୋହନ ନାଏକ (ତେଲକୋଇ)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ-ଃ-

(କ) ତେଲକୋଇ ନିର୍ବାଚନ ମଣ୍ଡଳୀ ଏସ.ଏନ୍.ପୁର ଗ୍ରାମ ପଞ୍ଚାୟତସ୍ଥ ହାତିମୁଣ୍ଡା ଓ ତାଳପଦା ଗ୍ରାମ ପଞ୍ଚାୟତର ସମସ୍ତ ଅଞ୍ଚଳରେ ଚାଷ ଜମିକୁ ଜଳ ସେଚନ କରିବା ପାଇଁ କୌଣସି ଚେକଡ୍ୟାମ କିମ୍ଵା ବନ୍ଧ ନଥିବାରୁ ଉକ୍ତ ଅଞ୍ଚଳରେ ବର୍ଷାଦିନେ ମଧ୍ୟ ଚାଷ ଜମିରେ ପାଣି ଅଭାବରୁ ମରୁଡି ଅବସ୍ଥା ସୃଷ୍ଟି ହେଉଥିବା କଥା ସରକାରଙ୍କ ନଜରକୁ ଆସିଛି କି, ଯଦି ଆସିଥାଏ, ତେବେ ଚାଷୀଙ୍କ ହିତ ଦୃଷ୍ଟିରୁ ଉପର ସମାକୋଇ ନଦୀର ହାତିମୁଣ୍ଡା ଠାରେ ଏକ ଚେକଡ୍ୟାମ୍ ନିର୍ମାଣ କରିବା ପାଇଁ ବ୍ୟବସ୍ଥା କରିବେ କି ; (ଖ) ଉପର ସମାକୋଇ ନଦୀର ହାତିମୁଣ୍ଡା ଠାରେଚେକ ଡ୍ୟାମ ନଦୀବନ୍ଧ ନିର୍ମାଣ କରାଗଲେ ଉଭୟ ତେଲକୋଇ ନିର୍ବାଚନମଣ୍ଡଳୀର ଚାଷି ଉପକୃତ ହେବା ସଙ୍ଗେ ସଙ୍ଗେ ଅନଗୁଳ ଜିଲ୍ଲାର ଅନେକ ଅଞ୍ଚଳର ଚାଷୀ ଉପକୃତ ହେଉଥିବାରୁ ତୁରନ୍ତ ସମାକୋଇ ନଦୀର ଉପରମୁଣ୍ଡ ହାତିମୁଣ୍ଡା ଠାରେ ଏକ ଚେକ୍ ଡ୍ୟାମ୍ ନିର୍ମାଣ କରିବେ କି ?

----

## ଚାଷ ଜମିକୁ ଜଳସେଚନ

**4168 ଡା. ଫକୀର ମୋହନ ନାଏକ (ତେଲକୋଇ)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ-ଃ-

(କ) ତେଲକୋଇି ନିର୍ବାଚନ ମଣ୍ଡଳୀସ୍ଥ କାକୁଡି ଆମ୍ବ ଅଞ୍ଚଳର ଚାଷ ଜମିକୁ ପାଣି ମଡାଇବା ପାଇଁ ଆଜକୁ ଦୀର୍ଘ ବର୍ଷ ହେବ ଏଠାରେ ଏକ ଚେକ ଡ୍ୟାମ ନିର୍ମାଣ କରିବା ପାଇଁ ସରକାର ହାତକୁ ନେଇଥିଲେ ମଧ୍ୟ ଅଦ୍ୟାବଧି ଏହି ଚେକଡ୍ୟାମ କାର୍ଯ୍ୟ ଅସମ୍ପୂର୍ଣ୍ଣ ହୋଇ ରହିଥିବାରୁ ଉକ୍ତ ଅଞ୍ଚଳର ଚାଷି ପାଣି ପାଇବାରୁ ବଞ୍ଚିତ ହେଉଥିବାରୁ ତୁରନ୍ତ ଉକ୍ତ ଚେକଡ୍ୟାମ୍ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ପଦକ୍ଷେପ ନେବେ କି, (ଖ) କାକୁଡି ଆମ୍ବ ଠାରେ ନିର୍ମାଣଧୀନ ଥିବା ଚେକ୍ ଡ୍ୟାମର ପ୍ରକଳ୍ପ ଅଟକଳ କେତେଟଙ୍କା ରଖାଯାଇଥିଲା ଏବଂ କେବେ ସୁଦ୍ଧା ଉକ୍ତ ଡ୍ୟାମ୍ କାର୍ଯ୍ୟ ସମ୍ପୂର୍ଣ୍ଣ କରିବେ ?

----

### ବାସୁଦେବପୁର Irrigation ବିଭାଗରେ ଖର୍ଚ୍ଚ ବିବରଣୀ

4169 **ଶ୍ରୀ ଅଶୋକ କୁମାର ଦାସ (ବାସୁଦେବପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ-ଃ-

ବାସୁଦେବପୁର Irrigation ବିଭାଗରେ କେତେ ଜଣ କର୍ମଚାରୀ ରହିବା କଥା କିନ୍ତୁ ବର୍ତ୍ତମାନ କେତେ ଜଣ କର୍ମଚାରୀ କାର୍ଯ୍ୟରତ ଅଛନ୍ତି ଜଣାଇିବେ କି, ବାସୁଦେବପୁର Irrigation ବିଭାଗ ବିଗତ ୫ ବର୍ଷ ମଧ୍ୟରେ କେଉଁ ଯୋଜନାରେ କେତେ ଖର୍ଚ୍ଚ କରିଅଛି ଏବଂ ଆଗକୁ କେଉଁ ଯୋଜନାରେ କେତେ ଖର୍ଚ୍ଚ କରିବ ?

----

### L.I. point ବସାଇବାର ବ୍ୟବସ୍ଥା

4170 **ଶ୍ରୀ ଅଶୋକ କୁମାର ଦାସ (ବାସୁଦେବପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ-ଃ-

ବାସୁଦେବାପୁର Lift Irrigation ଅଧିନରେ କେତେଗୋଟି କେଉଁଠାରେ L.I. point ଅଛି ଜଣାଇବା ସହ ସେଥିମଧ୍ୟରୁ କେତେଗୋଟି କେଉଁଠାରେ କାର୍ଯ୍ୟକ୍ଷମ ଅଛି ଜଣାଇବେ କି, ଚଳିତ ଆର୍ଥିକ ବର୍ଷରେ ଆଉ କେତେଗୋଟି L.I. point କେଉଁଠାରେ କେତେ ଅର୍ଥ ଖର୍ଚ୍ଚ କରାଯାଇ ବସାଯିବାର ଯୋଜନା ଅଛି?

----

### କର୍ମଚାରୀଙ୍କ ବଦଳୀ ସଂପର୍କରେ

4171 **ଶ୍ରୀ ଅଶୋକ କୁମାର ଦାସ (ବାସୁଦେବପୁର):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

ବାସୁଦେବପୁର Tahasil Office ଏବଂ R.I. Office ରେ କେତେଜଣ କର୍ମଚାରୀ ରହିବା କଥା କିନ୍ତୁ କେତେଜଣ କର୍ମଚାରୀ କାର୍ଯ୍ୟରତ ଅଛନ୍ତି ଜଣାଇବେକି, ବାସୁଦେବପୁର Tahasil Office ଏବଂ R.I. Office ରେ ଦିର୍ଘଦିନ ଧରି କାର୍ଯ୍ୟରତ ଥିବା କର୍ମଚାରୀଙ୍କ ବଦଳୀ କରାନଯିବାର କାରଣ କଣ ଜଣାଇବା ସହ କେଉଁ କର୍ମଚାରୀ କେଉଁ ବର୍ଷରୁ କାର୍ଯ୍ୟରତ ଅଛନ୍ତି?

----

## Saline embankment ନିର୍ମାଣ

4172 **ଶ୍ରୀ ସାରଦା ପ୍ରସନ୍ନ ଜେନା (ବାଲିକୁଦ-ଏରସମା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ଜଗସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ ଅଧିନସ୍ଥ କାଠଗଡ swice ଠାରୁ ବଳଭଦ୍ରପୁର ପର୍ଯ୍ୟନ୍ତ ରାସ୍ତା ସମୁଦ୍ର ଲୁଣି ପାଣି ଜୁଆର ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବା ବିଷୟରେ ସରକାରଙ୍କର ନଜରକୁ ଆସିଛି କି, ଯଦି ଉତ୍ତର ହଁ ହୁଏ ତେବେ ସେଠାରେ Saline embankment ନିର୍ମାଣ କରିବା ପାଇଁ ସରକାର ପଦକ୍ଷେପ ନେବେ କି ?

----

## ବ୍ୟାରେଜ ନିର୍ମାଣ

4173 **ଶ୍ରୀ ସାରଦା ପ୍ରସନ୍ନ ଜେନା (ବାଲିକୁଦ-ଏରସମା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ ଅନ୍ତର୍ଗତ ଦେବୀ ନଦୀର ସିକର ଘାଟଠାରେ ଗୋଟିଏ ମିନି ବ୍ୟାରେଜ ନିର୍ମାଣ କରିବାର ଯୋଜନା ସରକାରଙ୍କର ଅଛି କି, ସେଠାରେ ଗୋଟିଏ ବ୍ୟାରେଜ ନିର୍ମାଣ କରି ସେ ଅଞ୍ଚଳରେ irrigation ଏବଂ ପିଇବା ପାଣିର ଅସୁବିଧା ଦୂର କରିବା ପାଇଁ ସରକାର ପଦକ୍ଷେପ ନେବେ କି?

----

## ରାମତରା ପର୍ଯ୍ୟନ୍ତ saline embankment ନିର୍ମାଣ

4174 **ଶ୍ରୀ ସାରଦା ପ୍ରସନ୍ନ ଜେନା (ବାଲିକୁଦ-ଏରସମା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ଅଧିନସ୍ଥ Hawakhana(Harishpureast) ଠାରୁ Ramatara ରାମତରା ପର୍ଯ୍ୟନ୍ତ ରାସ୍ତା ଓ ଜମି ଲୁଣା ପାଣି ଦ୍ୱାରା କ୍ଷତିଗ୍ରସ୍ତ ହୋଉଥିବା ବିଷୟରେ ସରକାର ଅବଗତ ଅଛନ୍ତି କି, ଯଦି ଉତ୍ତର ହଁ ହୁଏ ତେବେ ସେଠାରେ ସ୍ଥଳଭାଗକୁ ରକ୍ଷା କରିବା ପାଇଁ saline embankment ନିର୍ମାଣ କରିବା ପାଇଁ ସରକାର ପଦକ୍ଷେପ ନେବେକି?

----

## ବଜ୍ରପାତର ମୁକାବିଲା ପାଇଁ ପଦକ୍ଷେପ

4175 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ବଜ୍ରପାତ ସମସ୍ୟା କେତେ ବର୍ଷ ହେଲା ବଢ଼ିଲାଣି ଓ ଏହା କେଉଁ ହାରରେ ବୃଦ୍ଧି ପାଇଛି ଏବଂ ରାଜ୍ୟର କେଉଁ କେଉଁ ଅଂଚଳ ଅଧିକ ବଜ୍ରପାତପ୍ରବଣ ବୋଲି ଚିହ୍ନଟ କରାଯାଇଅଛି, ବଜ୍ରପାତ ସମସ୍ୟା କ୍ଷେତ୍ରରେ ଓଡିଶାର ସ୍ଥିତି ଜାତୀୟସ୍ତରରେ କଣଅଛି ଏବଂ ଏହାର ମୁକାବିଲା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର କି କି ପଦକ୍ଷେପ ଏବଂ ମୃତକ, କ୍ଷତିଗ୍ରସ୍ତ ଲୋକଙ୍କ ପାଇଁ କଣ ସାହାଯ୍ୟ କରିବାର ବ୍ୟବସ୍ଥା କରାଯାଇଅଛି?

----

## ଚାଷ ଜମିର ଜଳସେଚନ

4176 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ରାଜ୍ୟର କେତେ ପ୍ରତିଶତ, କେତେ ପରିମାଣ ଚାଷ ଜମିରେ ଜଳସେଚନର ଉପଯୋଗ ହେଉନାହିଁ ଓ ରବି ଚାଷ କରାଯାଉନାହିଁ ଏବଂ ଏହାର କାରଣ କଣ ଏବଂ ଏଥିରେ ଯଦି ଜଳସେଚନର ସମସ୍ୟାର କିଛି ତ୍ରୁଟି ରହୁଛି ତାକୁ ସୁଧାରିବା ପାଇଁ କି ପଦକ୍ଷେପ ନିଆଯାଉଅଛି?

----

## ଖଣିଭିତ୍ତିକ ଶିଳ୍ପ ପ୍ରତିଷ୍ଠା

4177 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ଯେତେ ଖଣିଭିତ୍ତିକ ଶିଳ୍ପ ପ୍ରତିଷ୍ଠା କରାଯାଇଅଛି ବା କରିବା ପାଇଁ ପ୍ରସ୍ତାବ ରହିଛି ସେସବୁ ସକାଶେ କଞ୍ଚାମାଲ ଆବଶ୍ୟକତା ପୂରଣର ଦିର୍ଘ ମିଆଦି ସ୍ଥିତିକୁ ଆକଳନ କରାଯାଉଅଛି କି ଓ ଉତ୍ତର ହଁ ହୋଇଥିଲେ ଏ ସଂପର୍କରେ ପରିସଂଖ୍ୟାନ ସଂଭଳିତ ସହ ବିଶେଷ ତଥ୍ୟ ଦେବେକି?

----

## ରେକର୍ଡ କମ୍ପ୍ୟୁଟରୀକରଣ

4178 **ଶ୍ରୀ ସଂଜୀବ କୁମାର ମଲ୍ଲିକ (ଭଣ୍ଡାରୀପୋଖରୀ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଭଦ୍ରକ ନୂଆଜିଲ୍ଲା ଗଠନ ହେଲା ପରେ ଜିଲ୍ଲାର ପୁରୁଣା ବନ୍ଦୋବସ୍ତର ଜମିଜମା ରେକର୍ଡଗୁଡିକୁ ବାଲେଶ୍ୱରରୁ ଭଦ୍ରକକୁ ଆଣି ଏହାକୁ କମ୍ପ୍ୟୁଟରୀକରଣ କରିବାକୁ ସରକାରଙ୍କ ପ୍ରସ୍ତାବ ଅଛି କି, ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ନିଆଯାଉଅଛି?

----

## ଲୁହା ପଥର ରପ୍ତାନୀ

4179 **ଶ୍ରୀ ସଂଜୀବ କୁମାର ମଲ୍ଲିକ (ଭଣ୍ଡାରୀପୋଖରୀ):**

**ବାଣିଜ୍ୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଧାମରା ବନ୍ଦର ଦେଇ ବିଗତ ତିନି ବର୍ଷରେ କେତେ ପରିମାଣର ଲୁହା ପଥର ବିଦେଶକୁ ରପ୍ତାନୀ ହୋଇଛି ତାହାର ବିବରଣୀ ପ୍ରଦାନ କରିବେକି?

----

## ଟାଙ୍ଗୀ ଚୌଦ୍ୱାର ତହସିଲ ସ୍ଥାନାନ୍ତର ସଂପର୍କରେ

4180 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଟାଙ୍ଗୀ ଚୌଦ୍ୱାର ତହସିଲ ଜଗତପୁରଠାରେ ଥିବାରୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଥିବା ପରିପ୍ରେକ୍ଷୀରେ ଏହାକୁ ଟାଙ୍ଗୀକୁ ସ୍ଥାନାନ୍ତର ପାଇଁ ଅଂଚଳବାସୀ ଦାବୀ କରୁଥିବା ସଂପର୍କରେ ସରକାର ଅବଗତ ଅଛନ୍ତି କି, ଉତ୍ତର ହଁ ହେଲେ ଏହାକୁ ତୁରନ୍ତ ଟାଙ୍ଗୀକୁ ସ୍ଥାନାନ୍ତରଣ ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ଆଦିବାସୀ ପଲ୍ଲୀଗ୍ରାମ ସର୍ବାଙ୍ଗୀନ ଉନ୍ନତ

4181 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

----

## ପାର୍ବତ୍ୟାଞ୍ଚଳରେ ଭୂସ୍ଖଳନ

4182 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ସମ୍ପ୍ରତି ଦେଶର ବିଭିନ୍ନ ପ୍ରଦେଶର ପାର୍ବତ୍ୟାଞ୍ଚଳରେ ଭୂସ୍ଖଳନ ହେଉଥିବା ପରିପ୍ରେକ୍ଷୀରେ ରାଜ୍ୟରେ ଏହାର ସମ୍ଭାବ୍ୟ ମୁକାବିଲା ପାଇଁ କି ସ୍ୱତନ୍ତ୍ର ଆକ୍ସନପ୍ଲାନ ପ୍ରସ୍ତୁତ କରାଯାଉଛି ?

----

## ଶିକ୍ଷାନୁଷ୍ଠାନ ନାମରେ ଜମି ରେକର୍ଡ଼ଭୁକ୍ତ

4183 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବଲାଙ୍ଗୀର ଜିଲ୍ଲାରେ କେଉଁ କେଉଁ ଶିକ୍ଷାନୁଷ୍ଠାନ ସରକାରୀ ଜମିରେ ସ୍ଥାପିତ ହୋଇଛି, ଏହି ଶିକ୍ଷାନୁଷ୍ଠାନ ନାମରେ ଜମି ରେକର୍ଡ଼ଭୁକ୍ତ କରିବାକୁ କି ପଦକ୍ଷେପ ନିଆଯାଉଅଛି ?

----

## କୋଟିଆ ଅଞ୍ଚଳକୁ ଓଡ଼ିଶାର କରିବାକୁ ପଦକ୍ଷେପ

4184 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ରାଜ୍ୟର କେଉଁ କେଉଁ ଅଞ୍ଚଳ ଆନ୍ଧ୍ର ଓଡ଼ିଶା ସୀମା ବିବାଦ ଲାଗିଛି ଓ ତାର କି କି ସମାଧାନ କରାଯାଇଛି ତାର ବିବରଣୀ ପ୍ରଦାନ କରିବେ ;(ଖ) ପଟାଙ୍ଗି ନିର୍ବାଚନ ମଣ୍ଡଳୀର କୋଟିଆ ଅଞ୍ଚଳକୁ ଓଡ଼ିଶାର କରିବାକୁ ସରକାର କି କି ପଦକ୍ଷେପ ଗ୍ରହଣ କରିଛନ୍ତି ?

----

## Complition Report ପ୍ରଦାନ

4185 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ଅବିଭକ୍ତ କୋରାପୁଟ ଜିଲ୍ଲାର ଇନ୍ଦ୍ରାବତୀ, ମାଛକୁଣ୍ଡ ଏବଂ କୋଲାବ ଜଳଭଣ୍ଡାରର Complition Report ପ୍ରଦାନ କରିବେ କି ?

----

**Fund Allocation for Peta Nalla Project**

4186 **ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:-

(a) Regarding the fund allocation of Rs. 60 crore for the Peta Nalla project requested by the Cuttack Municipal Corporation (CMC) in their letter dated 08.08 2024 (ref no.11272), which was sent to both the Department of Resources and the Department of Housing and Urban Development.What is the current status of the fund sanction within the Department of Water Resources; (b) Concerning the project completion deadline of 01.12.2024 as started by the Honorable Chief Minister; What specific measures is the govemment taking to expedite the total fund allocation and completion of the project?

----

**Management of Land Resources**

4187 **ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

In reference to Notification No. 21855 dated 06/07/24 issued by the Revenue and Disaster Management Department regarding the optimum management of land resources and removal of encroachments; Considering the significant loss of homes and livelihoods resulting from the recent encroachment removal, what steps is the government planning to take to provide alternative housing solutions for displaced residents and establish designated vending zones for shop owners who lost their means of livelihood?

----

**Conversion of Land into Gharabari Titles**

4188 **ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

Considering that more than 6,800 households have been established in the Bidanasi area under Barabati-Cuttack without clear land titles, what steps is the government planning to take to convert these lands into Gharabari titles, recognizing the mass housing that currently exists there ?

----

## କେନାଲ ଗୁଡ଼ିକର ମରାମତି

4189 **ଶ୍ରୀ ଉମା ଚରଣ ମଲ୍ଲିକ (ଫୁଲବାଣୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:-

କନ୍ଧମାଳ ଜିଲ୍ଲାରେ ଥିବା MIP ଏବଂ ଚକାପାଦ ବ୍ଲକର ପୋଇତାଗାଁଠାରେ ଥିବା MIP ର କେନାଲ ଗୁଡ଼ିକ ଦୀର୍ଘ ୧୪ / ୧୫ ବର୍ଷ ହେବ ମରାମତି ହୋଇ ନାହିଁ, ଫଳରେ MIP ଗୁଡ଼ିକରେ ପାଣି ଥିଲେ ମଧ୍ୟ ଚାଷ ଜମିରେ ଜଳସେଚନ ହୋଇ ପାରୁ ନାହିଁ ଏଣୁ କେନାଲ ଗୁଡ଼ିକର ମରାମତି କରେଇ ଜଳ ସମ୍ପଦର ସଦ ବିନିଯୋଗ କରେଇବାର ବ୍ୟବସ୍ଥା କରିବେ କି ?

----

## ଚେକଡ୍ୟାମ ନିର୍ମାଣ

4190 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

----

## ରାଜସ୍ୱ ଗ୍ରାମର ମାନ୍ୟତା

4191 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବଲାଙ୍ଗୀର ଜିଲ୍ଲାରେ କେଉଁ ତହସିଲ୍‌ର କେଉଁ ପଡ଼ା ଗ୍ରାମ ଗୁଡ଼ିକ ରାଜସ୍ୱ ଗ୍ରାମର ମାନ୍ୟତା ପ୍ରତୀକ୍ଷାରେ ଅଛନ୍ତି, ତାହାକୁ ରାଜସ୍ୱ ଗ୍ରାମର ମାନ୍ୟତା ଦେବାପାଇଁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ରେଳ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ

4192 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବଲାଙ୍ଗୀର ଜିଲ୍ଲାର କେଉଁ ରେଳ ପ୍ରକଳ୍ପ ଗୁଡ଼ିକ ସମ୍ପର୍କରେ ସରକାର କାର୍ଯ୍ୟକାରିତା ପାଇଁ କେନ୍ଦ୍ର ନିକଟରେ କେତେ ତାରିଖରେ ପ୍ରସ୍ତାବ ପ୍ରଦାନ କରିଛନ୍ତି, ତାହାର ବିବରଣୀ ଦର୍ଶାଇ ରାଜ୍ୟର ରେଳ ପ୍ରକଳ୍ପ ପାଇଁ ରାଜ୍ୟ ସରକାର ଜମି ଅଗ୍ରହଣରେ ବିଳମ୍ବ କରିଥିବା ପରିପ୍ରେକ୍ଷୀରେ ଜମି ଅଗ୍ରହଣ ତ୍ୱରାନ୍ୱିତ ପାଇଁ କି ପଦକ୍ଷେପ ନିଆଯାଉଅଛି ?

----

## ରେଳ ଷ୍ଟେସନର ନାମ ପରିବର୍ତ୍ତନ

4193 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଖୋର୍ଦ୍ଧା ରୋଡ ରେଳଷ୍ଟେସନର ନାମ ପରିବର୍ତ୍ତନ କରି ଏହାକୁ ଜଟଣୀ ରେଳ ଷ୍ଟେସନ୍‌ରେ ନାମିତ କରିବା ପାଇଁ ସରକାରଙ୍କ ପ୍ରସ୍ତାବ ଅଛିକି, ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ନିଆଯାଉଅଛି ?

----

## ଜଳ ନିଷ୍କାସନ ପାଇଁ ପଦକ୍ଷେପ

4194 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ-ଃ-

ଚନ୍ଦକା ଜଙ୍ଗଲ, କୁଆଖାଇ ନଦୀ, ଦୟାନଦୀ, ଗଙ୍ଗୁଆନଦୀ ମଧ୍ୟବର୍ତ୍ତୀ ଅଞ୍ଚଳରେ ଜଳ ନିଷ୍କାସନ ପଥ ଅବରୋଧ ହୋଇ ରାଜଧାନୀ ଭୁବନେଶ୍ୱର ସହ ବ୍ୟାପକ ଅଞ୍ଚଳ ଜଳବନ୍ଦୀ ହେଉଥିବା ସମ୍ପର୍କରେ ସରକାର ଅବଗତ ଅଛନ୍ତି କି, ଉତ୍ତର ହଁ ହେଲେ ଏହାର ସ୍ଥିତିକୁ ଉଚ୍ଚସ୍ତରୀୟ ବୈଷୟିକ କମିଟି ମାଧ୍ୟମରେ କ୍ଷେତ୍ର ପରିଦର୍ଶନ ମୂଳକ ସର୍ବେକ୍ଷଣ କରି ଏଥପାଇଁ ସ୍ୱତନ୍ତ୍ର ଆକ୍ସନପ୍ଲାନ ପ୍ରସ୍ତୁତ ସହ ପାଣ୍ଠି ବ୍ୟବସ୍ଥା କରି ଏହି ଅଞ୍ଚଳରୁ ଜଳ ନିଷ୍କାସନ ପୂର୍ବକ ବ୍ୟାପକ ଅଞ୍ଚଳକୁ ଶୂନ୍ୟ ଜଳପ୍ଲାବନ କରିବାକୁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## Indirectly Adjected Areaରେ ପ୍ରକଳ୍ପ

4195 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

(କ) ଯାଜପୁର DMF (ଜିଲ୍ଲା ଖଣିଜ ନ୍ୟାସ) ପାଣ୍ଠିର ପ୍ରତିଷ୍ଠା ହେବା ବର୍ଷଠାରୁ ୨୦୨୪ ଜୁଲାଇ ମାସ ଶେଷ ସୁଦ୍ଧା କେତେ ଅର୍ଥ ସଂଗ୍ରହ ହୋଇଛି ଏବଂ DMF Trust Boardର କେଉଁ ବୈଠକରେ କେଉଁ ସବୁ ପ୍ରକଳ୍ପ ଲାଗି ମଞ୍ଜୁରୀ ମିଳିଥିଲା, ସେସବୁର ତଥ୍ୟ ପ୍ରଦାନ କରିବେ କି; (ଖ) ODMF ରୁଲ ଆଧାରରେ ଯାଜପୁର ଜିଲ୍ଲାର କେଉଁ ଅଞ୍ଚଳକୁ Indirectly Affected Area ଭାବେ ଚିହ୍ନଟ କରାଯାଇଛି ଏବଂ ସେହି Indirectly Affected Areaରେ କେତେ ଅର୍ଥ ବିନିମୟରେ କେଉଁ ସବୁ ପ୍ରକଳ୍ପ କରାଯାଇଛି ତାହାର ତଥ୍ୟ ଦେବେ କି ; ଏବଂ Indirectly Affected Areaରେ ଯେଉଁ ସବୁ ପ୍ରକଳ୍ପ କରାଯାଇଛି ତାହା ODMFରୁଲକୁ ବିରୋଧୀ ଚରଣ କହୁଛି କି; ଯଦି ଉତ୍ତର ହଁ, ତେବେ ODMF ରୁଲର ଅବଜ୍ଞା କରି Indirectly Affected Areaର କେଉଁ ସବୁ ପ୍ରକଳ୍ପ ହାତକୁ ନିଆଯାଇଛି ?

----

## Nomineeଙ୍କ ନାମ ଯୋଡ଼ିବାକୁ ପଦକ୍ଷେପ

4196 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

(କ) ବ୍ୟାଙ୍କରେ Savings A/c ଖୋଲିଲା ବେଳେ Nomineeଙ୍କ ନାମ ରଖିବାର ବ୍ୟବସ୍ଥା ଥିଲାବେଳେ, ଜମି ପଟ୍ଟାରେ ଜମିର ମାଲିକଙ୍କ ନାଁ ସହ ପିତା ବା, ସ୍ୱାମୀଙ୍କ ଉଲ୍ଲେଖ ସହିତ Nomineeଙ୍କ ନାମ ଯୋଡ଼ିବାର ବ୍ୟବସ୍ଥା କରିବା ପାଇଁ ପଦକ୍ଷେପ ନେବେ କି; (ଖ) Board of Revenueଙ୍କ ଅଧିନରେ କେତୋଟି କମିଶନ ଅଫିସ କାର୍ଯ୍ୟ କରୁଛି; ପ୍ରତ୍ୟେକ କମିଶନ କୋର୍ଟରେ ବାର୍ଷିକ କେତେ ଜମି ଜମା ମାମଲାର ଫଏସଲା ହେଉଛି ଏବଂ କେତୋଟି ମାମଲାର ପୁର୍ନବିଚାର କରିବା ପାଇଁ କମିଶନ କୋର୍ଟରୁ ତହସିଲ ଅଫିସକୁ ଫେରାଇ ଦିଆଯାଉଛି, ସେବୁର ୫ ବର୍ଷର ତଥ୍ୟ ପ୍ରଦାନ କରିବେ କି ?

----

## OSRTC କୁ ଅନୁଦାନ

4197 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- (କ) ଲଗାତର କ୍ଷତିରେ ଚାଲୁଥିବା OSRTCକୁ ଆର୍ଥିକ ଅନୁଦାନ ଦିଆଯିବା ସତ୍ତ୍ୱେ ଏହାର ସ୍ଥିତିରେ ପରିବର୍ତ୍ତନ ନଆସିବାର କାରଣ କଣ; OSRTC AG Audit ରିପୋର୍ଟ ଆଧାରରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇଛି କି; (ଖ) OSRTCର ଆର୍ଥିକ ଦୁର୍ଗତି ପାଇଁ ଦାୟୀ ଅଧିକାରୀଙ୍କୁ ଚିହ୍ନଟ କରି ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହୋଇଛି କି ?

----

## ରାଜ୍ୟର ମୁଣ୍ଡପିଛା ଆୟ

4198 **ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ-ଃ-

ରାଜ୍ୟର ମୁଣ୍ଡପିଛା ଆୟ ୨୦୦୪ ମସିହାରେ କେତେ ଥିଲା ଓ ୨୦୨୩-୨୪ ଆର୍ଥିକ ବର୍ଷ ଶେଷସୁଦ୍ଧା କେତେ ବଢ଼ିଛି ତାର ରାଜ୍ୟ ଓ ଜିଲ୍ଲାୱାରୀ ପରିସଂଖ୍ୟାନ ପ୍ରଦାନ କରିବେ କି; ତୁଳନାତ୍ମକଭାବେ ମୁଣ୍ଡାପିଛା ଆୟ କମଥିବା ଜିଲ୍ଲା ଗୁଡ଼ିକର ଲୋକମାନଙ୍କର ମୁଣ୍ଡପିଛା ଆୟ ବଢ଼ାଇବା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିବା ପାଇଁ ସ୍ତିର କରିଥିଲେ ଏଦିଗରେ କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## Consider Daspalla as new Revenue Division

4199 **ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

Daspalla Assembly constituency comprises nearly 50% geographical areas of the Nayagarh District with three (3) full Blocks covering forest and hilly areas and SC / ST concentrated areas, some of the Gram Panchayats are even situated at a distance of more then 100 kms from the District Headquarters,

keeping Administrative Decentralization as means of Integral development will the Government do consider to create Daspalla Assembly Constituency as a new Revenue Sub-Division and by what time ?

----

## ଜଳ ସଂରକ୍ଷଣ ପ୍ରକଳ୍ପ ନିର୍ମାଣ

4200 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ବର୍ତ୍ତମାନ ସୁଧା କେତୋଟି ବୃହତ, ମଧ୍ୟମ ଓ କ୍ଷୁଦ୍ରଜଳ ସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି ଗତ ୧୦ ବର୍ଷ ମଧ୍ୟରେ ଜଳସେଚନ ଓ ପାନିୟଜଳ ଆବଶ୍ୟକତାକୁ ଦୃଷ୍ଟିରେ ରଖି କେତୋଟି ଜଳ ସଂରକ୍ଷଣ ପ୍ରକଳ୍ପ ନିର୍ମାଣ କରାଯାଇଅଛି; ବିଶେଷକରି ଚାଷ ଜମିରେ ଜଳସେଚନ ପାଇଁ କେତୋଟି ପ୍ରକଳ୍ପ ହୋଇଛି, ଏହା ଦ୍ୱାରା କେତେ ହେକଟର ଚାଷ ଜମିରେ ଜଳ ସେଚନ ସୁବିଧା ହୋଇ ପାରିଛି, ଏହାର ଏକ ବ୍ଲକୱାରି ତଥ୍ୟ ପ୍ରଦାନ କରିବେ କି ?

----

## ଲିଜ୍ ଧାରୀଙ୍କ ତାଲିକା

4201 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ବିଭିନ୍ନ ଜିଲ୍ଲାରେ ଥିବା କେତେ ସଂଖ୍ୟକ ଖଣି ଲିଜସୂତ୍ରରେ ଦିଆଯାଇଛି, ସେଗୁଡ଼ିକ ମଧ୍ୟରୁ captive mines କେତୋଟି ଏବଂ Non capive mines କେତୋଟି ରହିଛି; ଏମାନଙ୍କ ମଧ୍ୟରେ କେତେ ଲିଜଧାରି ଓଡ଼ିଶା ଓ ଅଣ ଓଡ଼ିଶା ରହିଛନ୍ତି ?

----

## ହାତୀଙ୍କ ଦ୍ୱାରା ଫସଲ ନଷ୍ଟ

4202 **ଶ୍ରୀ ମନୋହର ରନ୍ଧାରି (ଡାବୁଗାଁ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ କେତେ ପରିମାଣରେ ଚାଷ ଜମିରେ ହାତୀ ପଶି ଫସଲ ନଷ୍ଟ କରିଛି ଓ କେତେ ଘର ହାତୀ ଭାଙ୍ଗି ଦେଇଛି ସେସବୁର କ୍ଷତି ପୁରଣ କିପରି ହିସାବରେ ଦିଆଯାଇଥିଲେ, ସେହିପରି ବନ୍ୟା, ବାତ୍ୟା, ମରୁଡି ସମୟରେ ଓ ଅଦିନିଆ ବର୍ଷାରେ ଫସଲର ବ୍ୟାପକ କ୍ଷତିକୁ କିପରି କେଉଁ ମାପଦଣ୍ଡ ଅନୁଯାୟୀ କ୍ଷତି ପୁରଣ ଦିଆଯାଏ ସରକାର କହିବେ କି, ସେହିପରି ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କାର୍ଯ୍ୟ କଣ ଓ ତାଙ୍କୁ କି ପ୍ରକାର ବିଶେଷ କ୍ଷମତା ଦିଆଯାଇଛି ?

----

## ଖଣି ରପ୍ତାନୀ

4203 **ଶ୍ରୀ ମନୋହର ରନ୍ଧାରି (ଡାବୁଗାଁ):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଓଡିଶାରେ ବର୍ତ୍ତମାନ କେଉଁ କେଉଁ ଖଣି କେଉଁ କେଉଁ ଜିଲ୍ଲାରେ ଉତ୍ତୋଳନ ହେଉଛି ଓ ଉତ୍ତୋଳନ ହେଉଥିବା ଖଣିଜ ସବୁ ବର୍ତ୍ତମାନ କି କି କାମରେ ଲାଗୁଛି, କେତେ ପରିମାଣରେ ଖଣିଜ ପଦାର୍ଥ କେତୋଟି ଖଣିରୁ କେଉଁ ଖଣିଜ କେଉଁ ଦେଶକୁ କେଉଁ ବନ୍ଦର ଦେଇ କେତେ ମୂଲ୍ୟରେ ରପ୍ତାନି କରାଯାଉଛି ଓ ରପ୍ତାନି କରିବାର କାରଣ କଣ ?

----

## ବ୍ୟାରେଜ୍ ନିର୍ମାଣ

**4204 ଶ୍ରୀ ମନୋହର ରନ୍ଧାରି (ଡାବୁଗାଁ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- କେଉଁ ସବୁ ନଦୀର ଜଳ ସମୁଦ୍ରରେ ମିଶୁଛି ସେହି ନଦୀରେ ତନମୁଣ୍ଡରେ ବ୍ୟାରେଜ୍ ନିର୍ମାଣ କରି ଜଳକୁ ଅଟକାଇ ସଂରକ୍ଷଣ କରିବା ପାଇଁ ସରକାର ବ୍ୟବସ୍ଥା କରିବା ସହ କେତୋଟି ବନ୍ଦ କେଉଁ କେଉଁ ନଦୀରେ ହେଲେ ବୋହିଯାଉଥିବା ଜଳକୁ ଅଟକାଯାଇ ଖରାଦିନ ପାଇଁ କାମରେ ବ୍ୟବହାର କରାଯାଇପାରିବ ଓ କେତେ ଅର୍ଥ ଆବଶ୍ୟକ ବନ୍ଧ କରିବା ପାଇଁ କହିବେ କି ?

----

## ଖଣି ପଟ୍ଟା ପ୍ରଦାନ

**4205 ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଇତି ମଧ୍ୟରେ ଯେଉଁ ଖଣିଗୁଡିକର ଖମି ପଟ୍ଟା ମିଆଦ ଶେଷ ହୋଇଛି ସେହି ଖଣିମାନଙ୍କରୁ କେତେ ପରମାଣରେ କେତେ ମୂଲ୍ୟର ଖଣିଜ ଉତ୍ତୋଳନ ହୋଇ ବିକ୍ରି ହୋଇଛି, ସରକାର କେଉଁ କେଉଁ ଲୁହା ପଥର ଖଣିମାନଙ୍କରୁ କେତେ ପରିମାଣରେ ଉତ୍ପାଦନ ନିମନ୍ତେ ଖଣି ପଟ୍ଟାଦାରମାନଙ୍କ ସହ ଚୁକ୍ତି ସ୍ୱାକ୍ଷର ହୋଇଛି ଓ ସମ୍ପୃକ୍ତ କମ୍ପାନୀମାନେ ଅଦ୍ୟାବଧି କେତେ ପରିମାଣରେ ଉତ୍ତୋଳନ କରିଛନ୍ତି, କେଉଁ କେଉଁ ଖଣି ମାଲିକମାନେ ନିତୀନିୟମ ଉଲ୍ଲଘଂନ କରିଛନ୍ତି ଓ ସରକାର କି କାର୍ଯ୍ୟାନୁଷ୍ଠାନ ନେଇଛନ୍ତି, ଲିଜ୍ ଅବଧି ସରିବା ପରେ ଖଣି ମାଲିକମାନଙ୍କ ପାଖରେ କେତେ ଲୁହା, ମାଙ୍ଗାନିଜ୍ ଓ ବକସାଇଟ୍ କେତେ ଟଙ୍କା ମୂଲ୍ୟର ମହଜୁଦ୍ ଥିଲା, ଲୁହାପଥର ମାଙ୍ଗାନିଜ୍ ଖର୍ଦ୍ଦି, ବିକ୍ରି ଓ ମହଜୁଦ୍ ରଖିବା ପାଇଁ କେଉଁ ସଂସ୍ଥାମାନଙ୍କୁ Trading License ଦିଆଯାଇଛି ?

----

## ଖଣି ନିଲାମ

**4206 ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- MMDR-Act-2015 (ସଂଶୋଧିତ Act) ଉପରେ କେତୋଟି କେଉଁ କେଉଁ ଖଣି ଆଜିପର୍ଯ୍ୟନ୍ତ ନିଲାମ ହୋଇଛି, ଏହି ଖଣିଗୁଡିକର ମାଲିକମାନଙ୍କର ନାମ ଓ କେତେ ପ୍ରିମିୟମରେ Iron, Buxite ଓ ମାଙ୍ଗାନିଜ୍ ଖଣି ଦିଆଯାଇଛି ତାର ତାଲିକା ସହ କେତେ ଖନନ ହୋଇଛି ଓ କେଉଁ କେଉଁ ସ୍ଥାନକୁ ପରିବହନ କରାଯାଇଛି, ସେହିଭଳି କେତେ ପରିମାଣରେ କୋଇଲା ଉତ୍ପାଦନ କେଉଁ କେଉଁ ସ୍ଥାନରୁ (ଖଣିରୁ) ହୋଇଛି ଓ କେତୋଟି captive ଓ Non captive Power Plant କୁ କେତେ ପରିମାଣରେ କୋଇଲା ଦିଆଯାଇଛି, କେଉଁ ଖଣି ନିଲାମରୁ ସବୁଠାରୁ ବେଶୀ ଅର୍ଥ (ଟଙ୍କା) କେତେ ମିଳିଛି କେଉଁ କମ୍ପାନୀ ଦେଇଛି, ଉତ୍ତୋଳନ ଓ ରପ୍ତାନୀ ହୋଇଥିବା ଲୁହା ପଥର ଓ କୋଇଲାରୁ କେତେ ପ୍ରତିଶତ ଉଚ୍ଚମାନର ?

----

## ଚାଷ ଜମିକୁ ପତିତର ପରିଣତ

4207 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ଅଦ୍ୟାବଧି ସମୁଦାୟ ଚାଷ ଜମି କେତେ ଓ ଏହା କ୍ରମଶ କମୁଥିବା ସରକାରଙ୍କ ଦୃଷ୍ଟିକୁ ଆସିଛି କି ଓ ରାଜ୍ୟରେ 1970-71 ମସିହାରୁ ମୁଣ୍ଡ ପିଛା ଚାଷ ଜମି କେତେ ଥିଲା, ଅଦ୍ୟ ତାରିଖରେ କେତେ ଅଛି ଏବଂ ରାଜ୍ୟରେ ପତିତ ଜମିର ପରିମାଣ କେତେ, ଚାଷ ଜମିକୁ କେଉଁ କାରଣରୁ ପତିତରେ ପରିଣତ ହେଉଛି, ଚାଷ ଜମିକୁ ପତିତ କରିବାକୁ ହେଲେ ତାର କି ପ୍ରକାର ନିୟମ ଅଛି, ଉକ୍ତ ନିୟମକୁ ସ୍ଥାନୀୟ ପ୍ରଶାସନ ଅନୁଧ୍ୟାନ କରୁଛନ୍ତି ତ, ତେଣୁ ରାଜ୍ୟରେ ସ୍ଥାୟୀ ଭାବେ ଲକ୍ଷ ଲକ୍ଷ ହେକ୍ଟର ଚାଷ ଜମି ପତିତରେ ପରିଣତ ହୋଇଛି, ଏସବୁର ପୁନରୁଦ୍ଧାର ପାଇଁ ପଦକ୍ଷେପ ନେବେ କି ?

----

## ଖଇରା ବଜାର ଜଳ ନିଷ୍କାସନ

4208 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ସିମୁଳିଆ ନିର୍ବାଚନ ମଣ୍ଡଳୀର ଖଇରା ବଜାର ଜଳ ନିଷ୍କାସନ ପାଇଁ ସମନ୍ୱିତ ମାଷ୍ଟର ପ୍ଲାନିଂର ଅଭାବ ଯୋଗୁଁ ଜଳ ନିଷ୍କାସନ ପଥ ଅବରୋଧ ଯୋଗୁଁ ସାମାନ୍ୟ ବର୍ଷାରେ ସମୁଦାୟ ବଜାରଟି ଜଳବନ୍ଦୀ ହୋଇ ଜନଜୀବନ ବିପର୍ଯ୍ୟୟ ହେବା ସହ କ୍ରମାଗତ ଫସଲ ହାନୀ ହେଉଥିବା ପ୍ରତି ସରକାର ଅବଗତ ଅଛନ୍ତି କି, ଉତ୍ତର 'ହଁ' ହେଲେ ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ, ଜଳସେଚନ, ଡ୍ରେନେଜ, କ୍ଷୁଦ୍ର ଜଳସେଚନର ସମସ୍ତ ଉଚ୍ଚ ପଦାଧିକାରୀ ନେଇ ଏକ କ୍ଷେତ୍ର ପରିଦର୍ଶନ ସମୀକ୍ଷା ବୈଠକ ଆହ୍ୱାନ କରି ଜଳ ନିଷ୍କାସନ ପାଇଁ ପଦକ୍ଷେପ ନେବେ କି ?

----

## Royality ବୃଦ୍ଧି

4209 **ଶ୍ରୀ ବ୍ରଜ କିଶୋର ପ୍ରଧାନ (ତାଳଚେର):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ ଉତ୍ତୋଳନ ହେଉଥିବା କୋଇଲା ଉପରେ ଲାଗୁଥିବା royality 2008 ମସିହାର ବୃଦ୍ଧି ନ କରିବା ଦ୍ୱାରା ରାଜ୍ୟ ସରକାର ବହୁ ରାଜସ୍ୱ ହରାଉଥିବା କଥା ସତ୍ୟ କି, ଯଦି ସତ୍ୟ ତେବେ କେବେସୁଦ୍ଧା ରାଜ୍ୟ ସରକାର କୋଇଲା royality ବୃଦ୍ଧି କରିବା ପାଇଁ ବ୍ୟବସ୍ଥା କରିବେ ?

----

## ସ୍ଥାନୀୟ ଯୁବକ/ଯୁବତୀଙ୍କୁ ନିଯୁକ୍ତି

4210 **ଶ୍ରୀ ବ୍ରଜ କିଶୋର ପ୍ରଧାନ (ତାଳଚେର)ଃ**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- (କ) ଛେଣ୍ଡିପଦାସ୍ଥିତ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର କମ୍ପାନୀ କେବେଠାରୁ କାର୍ଯ୍ୟକ୍ଷମ ହୋଇଛି ଏବଂ କେତେ ଜମି ଅଧିଗ୍ରହଣ କରିଛନ୍ତି, ତନ୍ମଧ୍ୟରୁ କେତେ ସରକାରୀ ଓ କେତେ ବେସରକାରୀ ଜମି, (ଖ) ଉକ୍ତ କମ୍ପାନୀ ଦ୍ୱାରା କେତେ ଜଣ ସ୍ଥାନୀୟ ଯୁବକ/ଯୁବତୀଙ୍କୁ ନିଯୁକ୍ତି ଦିଆଯାଇଛି ଏବଂ କେତେ ଜଣ ଅନୁଗୁଳ ଜିଲ୍ଲାରୁ ଏବଂ କେତେଜଣ ଜିଲ୍ଲା ବାହାର ଲୋକଙ୍କୁ ନିଯୁକ୍ତି ଦିଆଯାଇଛି ?

----

## ବିସ୍ଥାପିତ ପରିବାରଙ୍କୁ ଥଇଥାନ

4211 **ଶ୍ରୀ ବ୍ରଜ କିଶୋର ପ୍ରଧାନ (ତାଳଚେର)ଃ**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- (କ) MCL କୋଇଲା ଖଣି ପ୍ରକଳ୍ପଦ୍ୱାରା ତାଳଚେର ଅଞ୍ଚଳରେ କେଉଁ କେଉଁ ଗ୍ରାମର କେତେ ଜମି ଅଧିଗ୍ରହଣ କରାଯାଇଛି, (ଖ) ଆଜିପର୍ଯ୍ୟନ୍ତ କେଉଁ ଗ୍ରାମର କେତେ ପରିବାର ବିସ୍ଥାପନ ହେବା ପାଇଁ ଚିହ୍ନଟ ହୋଇଛନ୍ତି, ତନ୍ମଧ୍ୟରୁ କେତେ ପରିବାରକୁ ପୁର୍ନବାସ ସୁବିଧା ପ୍ରଦାନ କରାଯାଇଛି ଏବଂ କେତେଜଣଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି ?

----

## ଆଡିବନ୍ଧ ନିର୍ମାଣ

4212 **ଶ୍ରୀ ନୀଳମାଧବ ହିକକା (ବିଷମ -କଟକ)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ-ଃ- (କ) ବିଷମ କଟକ ନିର୍ବାଚନ ମଣ୍ଡଳୀର ଚାରୋଟି ବ୍ଲକର କେଉଁ ବ୍ଲକରେ କେତୋଟି ଆଡିବନ୍ଧ ନିର୍ମାଣ କରାଯାଇ ଏହା ମଧ୍ୟାମରେ କେତେ ଜମିକୁ ଜଳସେଚନର ସୁବିଧା ପ୍ରଦାନ କରାଯାଉଛି,ଏବଂ ବିଷମ କଟକ ନିର୍ବାଚନ ମଣ୍ଡଳୀରେ ଆଡି଼ବନ୍ଧ ନିର୍ମାଣ ପାଇଁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିବେ କି, (ଖ) ବିଷମ କଟକ ନିର୍ବାଚନ ମଣ୍ଡଳୀର ଚାରୋଟି ବ୍ଲକରୁ ଗତ ୫ବର୍ଷ ଭିତରେ ବୋରାୱେଲ୍ ପାଇଁ କେତେ ହିତାଧିକାରୀ ଆବେଦନ କରିଥିଲେ ଏବଂ ସେମାନଙ୍କ ମଧ୍ୟରୁ କେତେ ହିତାଧିକାରୀ ମାନଙ୍କର ବୋରାୱେଲ ଖନନ ହୋଇଛି ଏବଂ କେତେ ହିତାଧିକାରୀ ମାନଙ୍କର ଖନନ ହୋଇ ନାହିଁ, ବିଳମ୍ୱ ହେବାର କାରଣ କ'ଣ,ଏହା ପାଇଁ କ'ଣ ପଦକ୍ଷେପ ଗ୍ରହଣ କରାଯାଉଛି ଜଣାଇବେ କି ?

----

## ଜବର୍ ଦଖଲ ରୋକିବା ପାଇଁ ପଦକ୍ଷେପ

4213 **ଶ୍ରୀ ନୀଳମାଧବ ହିକକା (ବିଷମ -କଟକ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବିଷମ କଟକ ନିର୍ବାଚନ ମଣ୍ଡଳୀର ଚାରୋଟି ତହସିଲର କେଉଁ ରେଭେନିଉ ସର୍କଲରେ କେଉଁ କିସମର ସରକାରୀ ଭୂମି ୫୦ ସେଣ୍ଟ ରୁ ଉର୍ଦ୍ଧ ବ୍ୟବହାର ନ ହୋଇ ରହି ଅଛି ;ଉକ୍ତ ସରକାରୀ ଭୂମିକୁ ସରକାରଙ୍କ ଦ୍ୱାରା ସମାଜର ଆବଶ୍ୟକ ବେଳେ ବ୍ୟବହାର ପାଇଁ ଅନଧିକାର ଜବର୍ ଦଖଲ ରୋକିବା ପାଇଁ କ'ଣ ବ୍ୟବସ୍ଥା କରିଛନ୍ତି ,କିମ୍ଵା କେବେ ସୁଦ୍ଧା ଜବର ଦଖଲ ଉଚ୍ଛେଦ କରିବେ,ସୂଚନା ଯୋଗେଇବେ କି ?

----

## ଚୋରା ଖଣି ଖିଲାପ

4214 **ଶ୍ରୀ ଭାସ୍କର ମଢେଇ (ଉଦଳା):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ସମୁଦାୟ କେତେ ପିରିମାଣର ଖଣିଜ ସଂମ୍ପଦ ଲୁହାପଥର, ମାଙ୍ଗାନିଜ୍, ବକସାଇଡ୍ (Bauxite) କେଉଁ କେଉଁ ଜିଲ୍ଲାରେ ଗଚ୍ଛିତ ଅଛି, ବିଦେଶକୁ କେତେ ଅର୍ଥ ବିନିମୟରେ ରପ୍ତାନୀ କରାଯାଉଛି,ଚୋରାରେ ଖଣିଜ ପଦାର୍ଥକୁ ରପ୍ତାନୀ ରୋକିବା ନିମନ୍ତେ କି କି ବ୍ୟବସ୍ଥା ଅଛି, ସରକାରୀ କର୍ମଚାରୀ ଚୋରା ଚାଲାଣକୁ ରୋକିଥିବା ପୁରଷ୍କାର ରାଶି କେତେ ଦିଆଯାଇଛି ?

----

## ଜମି ଜଳ ସେଚନ

4215 **ଶ୍ରୀ ଭାସ୍କର ମଢେଇ (ଉଦଳା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ଗତ 24 ବର୍ଷ ମଧ୍ୟରେ କେତୋଟି ନୂତନ ମଧ୍ୟମ ଓ ବୃହତ ଜଳ ସେଚନ ଯୋଜନାକୁ Administrative Approval ଦେଇ ନିର୍ମାଣ କାମ ସମାପ୍ତ ହୋଇଛି ତଥ୍ୟ ଦେବେ କି, ପ୍ରତି ବ୍ଲକରେ ଚାଷ ଜମିକୁ କେତେ ଶତକଡା % ଜଳସେଚିତ କରାଯାଇଛି ?

----

## ମୁଖ୍ୟମନ୍ତ୍ରୀ ବସ୍ ସେବା ଯୋଜନାରେ ନିଯୁକ୍ତି

4216 **ଶ୍ରୀ ବିଜୟ କୁମାର ଦଳବେହେରା (ବରମ୍ବା):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ଓଡ଼ିଶା ସଡକ ପରିବହନ ନିଗମ ଅଧିନରେ କେତେଗୋଟି ବସ୍ ଅଛି, ପୂର୍ବ ସରକାର ଲକ୍ଷ୍ମୀ ବସ୍ ବା ମୁଖ୍ୟମନ୍ତ୍ରୀ ବସ୍ କେତେ ସଂଖ୍ୟକ କ୍ରୟ ହେଇଥିଲା, କେଉଁ ଜିଲ୍ଲାରେ କେତେ ଲକ୍ଷ୍ମୀ ବସ୍ ବା ମୁଖ୍ୟମନ୍ତ୍ରୀ ବସ୍ ଚାଲୁରହିଛି, ଜିଲ୍ଲାୱାରୀ ତଥ୍ୟ ପ୍ରଦାନ କରିବେ ଏବଂ କେଉଁ ବ୍ଲକରେ କେତେ ସଂଖ୍ୟକ ଲକ୍ଷ୍ମୀ ବସ୍ ବା ମୁଖ୍ୟମନ୍ତ୍ରୀ ବସ୍ ସେବାରେ ଡ୍ରାଇଭର,କଣ୍ଡକ୍ଟର,ହେଲପର ନିଯୁକ୍ତି କରିଛନ୍ତି, ଏହି ସଂସ୍ଥାର ଅବଧି କେତେ ବର୍ଷ, ତଥ୍ୟ ପ୍ରଦାନ କରିବେ କି ?

----

## ଜବରଦଖଲ ଉଚ୍ଛେଦ ପାଇଁ ପଦକ୍ଷେପ

4217 **ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଭୋଗରାଇ ବ୍ଲକର ପ୍ରାଣକେନ୍ଦ୍ର ଦେହୁର୍ଦ୍ଧା ହେଲିପେଡ୍ ପଡ଼ିଆଟି ଜବରଦଖଲ ଯୋଗୁଁ କ୍ରମଶଃ ସଙ୍କୁଚିତ ହୋଇ ଆସିଲାଣି, ଏହି ହେଲିପେଡ୍ ପଡ଼ିଆର ମୂଳ ଜମି କେତେ; ସେଥିରୁ କେତେ ଜମି ଜବରଦଖଲକାରୀଙ୍କ କବଜାରେ ରହିଛି ;ଜବରଦଖଲକାରୀଙ୍କ ସଂଖ୍ୟା କେତେ; ଏହି ଜବରଦଖଲକାରୀଙ୍କୁ ଉଚ୍ଛେଦ କରିବାପାଇଁ ସରକାରଙ୍କ ରାଜସ୍ୱ ବିଭାଗ ପକ୍ଷରୁ କଣ ପଦକ୍ଷେପ ନିଆଯାଇଛି; ଆଗାମୀ ଦିନରେ ସମ୍ପୂର୍ଣ୍ଣ ହେଲିପେଡ୍ ପଡ଼ିଆକୁ ଜବରଦଖଲମୁକ୍ତ କରିବା ପାଇଁ ବିଭାଗୀୟ କର୍ତ୍ତୃପକ୍ଷ ପଦକ୍ଷେପ ନେବେ କି ?

----

## Mega ଉଠାଜଳ ସେଚନ ପ୍ରକଳ୍ପ କାମ ସାରିବାକୁ ପଦକ୍ଷେପ

4218 **ଶ୍ରୀ ଦିବ୍ୟ ଶଙ୍କର ମିଶ୍ର (ଜୁନାଗଡ଼):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ଜୁନାଗଡ଼ ନିର୍ବାଚନ ମଣ୍ଡଳୀର ଗୋଲାମୁଣ୍ଡା ବ୍ଲକରେ ଜଳସେଚନର ସୁବିଧା ପାଇଁ ମହାଲିଙ୍ଗ, ଏପୁରିଆ ଓଉଛଲାଠାରେ ପାର୍ବତୀଗିରି mega ଉଠାଜଳସେଚନ ପ୍ରକଳ୍ପ ହାତକୁ ନିଆ ଯାଇଥିଲେ ମଧ୍ୟ ଏହାର ନିର୍ମାଣ କାମ ଏ ପର୍ଯ୍ୟନ୍ତ ସରୁନଥିବାରୁ ଏହାର ନିର୍ମାଣ କାମ ଶିଘ୍ର ସାରି ଏହାର ସୁଫଳ ଲୋକମାନଙ୍କୁ ଦେବା ପାଇଁ ସରକାର ପଦକ୍ଷେପ ନେବେ କି ?

----

## ଚାଷ ଜମିକୁ ଜଳ ଯୋଗାଣ

4219 **ଶ୍ରୀ ଦିବ୍ୟ ଶଙ୍କର ମିଶ୍ର (ଜୁନାଗଡ଼):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ଜୁନାଗଡ ବ୍ଲକ ଅନ୍ତର୍ଗତ 4ଟି ପଞ୍ଚାୟତ ଦେଦର, ବୁଢୀଧର, ବାଙ୍କ ପଲାସ ଓ ଦୁନ୍ଦେଲମାଲ ଗ୍ରାମ ପଞ୍ଚାୟତକୁ ଜଳସେଚନର କୌଣସି ସୁବିଧା ନଥିବାରୁ ଇନ୍ଦ୍ରାବତୀ କେନାଲରୁ ପାଣି ଉପରେ ଉକ୍ତ 4ଟି ପଞ୍ଚାୟତର ଚାଷ ଜମିକୁ ପାଣି ମଡାଇବାର ବ୍ୟବସ୍ଥା କରିବେ କି ?

----

## Land Record ସଂଶୋଧନ କରିବାକୁ ପଦକ୍ଷେପ

4220 **ଶ୍ରୀ ପ୍ରଶାନ୍ତ କୁମାର ଜଗଦେବ (ଖୋର୍ଦ୍ଧା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ସ୍ୱାଧୀନତାର 77 ବର୍ଷ ପରେ ମଧ୍ୟ ଭାରତ ସରକାରଙ୍କର ଥଇଥାନ ଯୋଜନାରେ ଖୋର୍ଦ୍ଧାର ଟାଙ୍ଗୀ ବ୍ଲକରେ ୬ (ଛଅ) ଗୋଟି କଲୋନୀ ନିର୍ମାଣ କରି ୨୩୧ (ନଅ ଶହ ଏକ ତିରିଶ) ପରିବାରକୁ ବାସସ୍ଥାନ ଓ ଜମି ଯୋଗାଇ ଦିଆଯାଇଥିଲା, ଏ ପର୍ଯ୍ୟନ୍ତ Land Record Correction ହୋଇନାହିଁ, ତେଣୁ ସେମାନେ ତହସିଲରୁ ଜାତିଗତ ପ୍ରମାଣପତ୍ର ପାଇପାରୁ ନାହାଁନ୍ତି, ତେଣୁ କେବେସୁଦ୍ଧା ଏମାନଙ୍କ R.O.R. correction ହୋଇଯିବ ?

----

## ମଙ୍ଗଳଜିତ୍ ଜଳ ପ୍ରକଳ୍ପ କାର୍ଯ୍ୟ ଶେଷ କରିବାକୁ ପଦକ୍ଷେପ

4221 **ଶ୍ରୀ ପ୍ରଶାନ୍ତ କୁମାର ଜଗଦେବ (ଖୋର୍ଦ୍ଧା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ଖୋର୍ଦ୍ଧାର ଟାଙ୍ଗୀଠାରେ ଥିବା ମଙ୍ଗଳଜିତ୍ ଜଳସେଚନ ପ୍ରକଳ୍ପ ଅର୍ଦ୍ଧ ନିର୍ମିତ ହୋଇ ରହିଛି, ଏହି ପ୍ରକଳ୍ପର ବର୍ତ୍ତମାନସ୍ଥିତି କ'ଣ ଅଛି ଏବଂ ଆଗାମୀ ଦିନରେ ଏହା ପୂର୍ଣ୍ଣ ନିର୍ମିତ କେବେ ସୁଦ୍ଧା ହେବ ?

----

## ବନ୍ଦ ହୋଇଥିବା ଖଣିକୁ ଚାଲୁ ରଖିବା ପାଇଁ ପଦକ୍ଷେପ

4222 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କ) ଓଡ଼ିଶା ଖଣିନିଗମ ଅଧୀନରେ ଥିବା ସମୁଦାୟ କେତେ ଖଣି ମଧ୍ୟରୁ କେତେ ଖଣିରେ ଦୀର୍ଘବର୍ଷ ଧରି ଉତ୍ତୋଳନ ବନ୍ଦ ରହିଛି ; ବନ୍ଦ ଥିବା ଖଣି କାର୍ଯ୍ୟକ୍ଷମ ହେଲେ କି କି ଖଣିଜ ପଦାର୍ଥର ବାର୍ଷିକ ଉତ୍ତୋଳନ କେତେକୁ ବୃଦ୍ଧି ପାଇବ; କେତେ କର୍ମସଂସ୍ଥାନ ସୃଷ୍ଟି ହୋଇପାରିବ ଏବଂ ସାଂପ୍ରତିକ ବଜାର ମୂଲ୍ୟ ଆଧାରରେ ବାର୍ଷିକ କେତେ ଲାଭ ମିଳିବ ତା'ର ବିସ୍ତୃତ ବିବରଣୀ ପ୍ରଦାନ କରିବେ କି ; (ଖ) ବନ୍ଦଥିବା କେଉଁ କେଉଁ ଖଣିକୁ କାର୍ଯ୍ୟକ୍ଷମ ନିମନ୍ତେ କି କି ପ୍ରତିବନ୍ଧକ ରହିଛି ଏବଂ ପ୍ରତିବନ୍ଧକ ସମସ୍ୟା ଦୂର କରି କେଉଁ କେଉଁ ଖଣି କେବେସୁଦ୍ଧା କାର୍ଯ୍ୟକ୍ଷମ ହେବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ?

----

## ଡାକବଙ୍ଗଳାର ପୁନଃ ନିର୍ମାଣ

4223 **କୁମାରୀ ସଞ୍ଜଳି ମୁର୍ମୁ (ବାଙ୍ଗିରିପୋଷି):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀରେ ଥିବା କେତେଗୋଟି ରାଜସ୍ୱ ଡାକବଙ୍ଗଳା ଜରାଜୀର୍ଣ୍ଣ ଅବସ୍ଥାରେ ଅଛି, ତାହାର ନିର୍ମାଣ ପାଇଁ କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## Residential Complex ନିର୍ମାଣ

4224 **ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- କାର୍ଯ୍ୟରତ ସାମ୍ବାଦିକ ମାନଙ୍କ ରହିବାର ସୁବିଧା ପାଇଁ ଏକ Residential Complex କଟକ, ଭୁବନେଶ୍ୱର ଏବଂ ଅନ୍ୟାନ୍ୟ ସହର ମାନଙ୍କରେ କରିବା ପାଇଁ ସରକାରଙ୍କର ଯୋଜନା ଅଛି କି, ଯଦି 'ହଁ' ତେବେ ଏହି Residential Complex କେବେଠାରୁ, କେଉଁ ସହରରେ କେତେ ସାମ୍ବାଦିକଙ୍କ ପାଇଁ ଆରମ୍ଭ ହେବ ସେହି ବିଷୟରେ ଜଣାଇବେ କି ?

----

## TAC ଅନୁମୋଦନ

4225 **ଶ୍ରୀ ଛବି ମଲିକ (ନିଆଳି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- କଟକ ଜିଲ୍ଲା ଅନ୍ତର୍ଗତ ନିଆଳି ନିର୍ବାଚନ ମଣ୍ଡଳୀର କାକଟପୁର ଶଖା କେନାଲ ଅଧିନ କନ୍ଦଳ ସାଇଫନ ନୂତନ ଭାବେ ନିର୍ମାଣ କରିବା ପାଇଁ Prachi Division S.E. ଙ୍କ Letter No.-2874 Dt.24.06.2023 ରେ ଉପରୋକ୍ତ କାର୍ଯ୍ୟର DPR ପ୍ରସ୍ତୁତ ହୋଇ TAC ଅନୁମୋଦନ ପାଇଁ ବିଚାରାଧିନ ଅଛି, ଏହା ଦିପାଞ୍ଚଳ ବାସୀଙ୍କର ଏକମାତ୍ର ଜଳସେଚନ ବ୍ୟବସ୍ଥା ଏହା ନିର୍ମାଣ କରାଗଲେ 7000 ରୁ ଉର୍ଦ୍ଧ୍ୱ ଏକର ଚାଷ ଜମି ଜଳସେଚିତ ହୋଇପାରିବ, ସରକାର ଏ ବିଷୟରେ କି ପଦକ୍ଷେପ ନେଇଛନ୍ତି ?

----

## କୁଆଁରପାଳ ଠାରେ In-stream Barrage ନିର୍ମାଣ

4226 **ଡ଼ଃ ଦୁର୍ଗା ପ୍ରସନ ନାୟକ (ମହାକଳାପଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- କେନ୍ଦ୍ରାପଡା ଜିଲ୍ଲାର ଜାଇକା ଓ ଲୁଣା ନଦୀର ମିଶ୍ରଣ ସ୍ଥଳ କୁଆଁରପାଳ ଠାରେ ଏକ In-stream Barrage ନିର୍ମାଣ ପାଇଁ ସରକାରଙ୍କ ପକ୍ଷରୁ କ'ଣ ସବୁ ପଦକ୍ଷେପ ଗ୍ରହଣ କରାଯାଇଛି ?

----

## ବର୍ଷା ଯୋଗୁଁ କ୍ଷୟକ୍ଷତି ଆକଳନ

4227 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଚଳିତ ବର୍ଷ ଜୁଲାଇ ମାସରେ ହୋଇଥିବା ପ୍ରବଳ ବର୍ଷାରେ ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀର ଚିତ୍ରକୋଣ୍ଡା, ମାଥିଲି, କୋରମୁଣ୍ଡା ଓ ଖଇରାପୁଟ ବ୍ଲକ ଗୁଡିକରେ ଥିବା ଚାଷଜମି କେତେ ପରିମାଣରେ କ୍ଷୟକ୍ଷତି ଘଟିଛି ଏବଂ ସରକାରଙ୍କ ତରଫରୁ ଏହାର କ୍ଷତି ପୂରଣ ଦିଆଯାଇଛି କି ?

----

## ପଟ୍ଟା ପ୍ରଦାନ

4228 **ଶ୍ରୀ ନୀଳମଣି ବିଷୋୟୀ (ସୋରଡା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଗଞ୍ଜାମ ଜିଲ୍ଲା ସୋରଡାରେ ଋଷିକୂଲ୍ୟା ନଦୀର ଉଭୟ ପାର୍ଶ୍ୱରେ ଥିବା ହିଡରେ ଏବଂ ସୋରଡା Town ରେ ହଜାର ହଜାର ଲୋକମାନେ ଦୀର୍ଘ ବର୍ଷଧରି ରହିଆସୁଥିଲେ ମଧ୍ୟ ଏମାନେ କୌଣସି ସରକାରୀ ପଟ୍ଟା ପାଇନାହାନ୍ତି ଏବଂ ପଟ୍ଟା ନ ପାଇବା ଯୋଗୁଁ ଏମାନେ ସମସ୍ତ ପ୍ରକାର ସରକାରୀ ସୁବିଧା ପାଇବାରୁ ବଞ୍ଚିତ ହୋଇଛନ୍ତି, ଉକ୍ତ ଲୋକମାନଙ୍କୁ ତୁରନ୍ତ ସରକାରୀ ପଟ୍ଟା ଯୋଗାଇଦେବା ପାଇଁ ପଦକ୍ଷେପ ନେବେ କି ?

----

## ଖଣି ଉତ୍ତୋଳନରେ ଅନିୟମିତତା

4229 **ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ 2024-25 ଆର୍ଥିକ ବର୍ଷ ସୁଦ୍ଧା ଇସ୍ପାତ ଓ ଖଣି ବିଭାଗ ଅଧୀନରେ ଥିବା କେଉଁ ନିର୍ବାଚନ ମଣ୍ଡଳୀରେ କେତେଗୋଟି ଏବଂ କ'ଣ କ'ଣ ଖଣିଜ ପଦାର୍ଥ ଖଣିକୁ ଉତ୍ତୋଳନ କରିବା ପାଇଁ ଅନୁମତି ପ୍ରଦାନ କରାଯାଇଛି, ସେଥିମଧ୍ୟରୁ ଦେବଗଡ ନିର୍ବାଚନ ମଣ୍ଡଳୀରେ ଥିବା ଲଘୁ ଖଣିଜ ପଦାର୍ଥ ପ୍ରତ୍ୟେକ ଖଣି ଉତ୍ତୋଳନର ପରିମାଣ ଏବଂ ତା ପ୍ରତିବଦଳରେ ସରକାରଙ୍କୁ କେଉଁ ଖଣିରୁ କେତେ ଅର୍ଥ ମିଳୁଛି ପ୍ରକାଶ କରିବେ କି, ତା ସହ ଖଣି ଉତ୍ତୋଳନରେ ହେଉଥିବା ଅନିୟମିତତାକୁ ରୋକିବା ପାଇଁ ବିଭାଗ କ'ଣ କ'ଣ ପଦକ୍ଷେପ ଗ୍ରହଣ କରିଛନ୍ତି ?

----

## ଲକ୍ଷ୍ମୀ ବସର ଲାଭକ୍ଷତି

4230 **ଶ୍ରୀ ସନ୍ତୋଷ ଖଟୁଆ (ନୀଳଗିରି):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବିଗତ ସରକାର ଲକ୍ଷ୍ମୀ ବସ୍ କିଣିବାରେ କେତେ ଖର୍ଚ୍ଚ କରିଥିଲେ ଏହାର ବର୍ତ୍ତମାନ ସୁଦ୍ଧା ଖର୍ଚ୍ଚ କେତେ ହୋଇଛି, ଏହାର ଲାଭ କ୍ଷତିର ପରିମାଣ କେତେ କହିବେ କି ?

----

## ପ୍ରାଚୀ ନଦୀ ଶଯ୍ୟା ଖନନ

4231 **ଶ୍ରୀ ତୁଷାରକାନ୍ତି ବେହେରା (କାକଟପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ପବିତ୍ର ପ୍ରାଚୀ ନଦୀର ଶର୍ଯ୍ୟା ଦିନକୁ ଦିନ ପୋତି ହୋଇଯାଇଥିବାରୁ କାକଟପୁରର ବିଶ୍ୱାମିତ୍ର ଠାରୁ ଦେଉଳି ମଠ ପର୍ଯ୍ୟନ୍ତ ଜଳ ପ୍ରବାହ ବାଧାପ୍ରାପ୍ତ ହୋଇଛି, ସମ୍ପୂର୍ଣ୍ଣ ପ୍ରାଚୀ ନଦୀର ପୁନର ଉର୍ଦ୍ଧାର ସହିତ ବିଶ୍ୱାମିତ୍ରଠାରୁ ଦେଉଳିମଠ ପର୍ଯ୍ୟନ୍ତ ପ୍ରାଚୀ ଶର୍ଯ୍ୟୟା ଖନନ କରି ପ୍ରାକୃତିକ ଜଳ ପ୍ରବାହକୁ ନିୟମିତ କରିବା ପିଁ ପଦକ୍ଷେପ ନେବେ କି ?

----

## ଜମି ପ୍ରଦାନ

4232 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବାଲେଶ୍ୱର ଜିଲ୍ଲା ରେମୁଣା ନିର୍ବାଚନ ମଣ୍ଡଳୀର ବିଜ୍ଞାପିତ ଅଞ୍ଚଳ, ଗ୍ରାମାଞ୍ଚଳ ଏବଂ TP ଅଞ୍ଚଳରେ ବହୁ ଭୂମିହୀନ ଆଦିବାସୀ, ହରିଜନ ଏବଂ ଅନ୍ୟ ବର୍ଗର ପରିବାର ଗୋଚର, ଜଙ୍ଗଲଜମି, ଅନାବାଦି ଜମି ଘରକରି ଦୀର୍ଘ ବର୍ଷ ଧରି ବସବାସ କରୁଛନ୍ତି ସେମାନଙ୍କୁ 4 ଡେସିମିଲ ଜମି ପଟ୍ଟା ପ୍ରଦାନ କରିବେ କି?

----

## ବସ ସେବା ପ୍ରଦାନ

4233 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ବିଶାଖାପାଟଣା ଠାରୁ ଭାୟା ପଟାଙ୍ଗି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନନ୍ଦପୁର ଓ ସେମିଳିଗୁଡା ଦେଇ ଜୟପୁରକୁ ଆନ୍ତଃଜିଲ୍ଲା ସରକାରୀ ବସ ସେବା ଜନସାଧାରଣଙ୍କର ଆବଶ୍ୟକତା ଦୃଷ୍ଟିରୁ ଆବଶ୍ୟକତା ଥିବା ହେତୁ ଏଦିଗରେ ସରକାର କି ପଦକ୍ଷେପ ଗ୍ରହଣ କରିବେ ; (ଖ) ଜୟପୁର-ଆର୍କୁକୁ ଭାୟା ସେମିଳିଗୁଡା ନନ୍ଦପୁର ଦେଇ ସରକାରୀ ବସ ସେବା ଆବଶ୍ୟକତା ଥିବା ହେତୁ ଏ ଦିଗରେ କେବେ ସୁଦ୍ଧା ପଦକ୍ଷେପ ଗ୍ରହଣ କରିବେ?

----

## ନୂତନ ବସଷ୍ଟାଣ୍ଡ ନିର୍ମାଣ

4234 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ପଟାଙ୍ଗି ନିର୍ବାଚନ ମଣ୍ଡଳୀରେ ନନ୍ଦପୁର, ପାଡୁଆ, ପଟାଙ୍ଗି ଠାରେ ନୂତନ ବସଷ୍ଟାଣ୍ଡ ତିଆରୀ କରିବା ପାଇଁ ସରକାର ପଦକ୍ଷେପ ନେବେ କି?

----

## ବସ ଚଳାଚଳ ପାଇଁ ପଦକ୍ଷେପ

4235 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କୋରାପୁଟ ଜିଲ୍ଲା ଦାମନଯୋଡି ଠାରୁ ଭାୟା ଜୟପୁର ଦେଇ ହାଇଦ୍ରାବାଦକୁ ସରକାରୀ ବସ ଚଳାଚଳ କରିବାକୁ ସରକାର ପ୍ରସ୍ତାବ ରଖିବେ କି ; ଅମ୍ବାବାଲ ଠାରୁ ଜୟପୁର ମଧ୍ୟରେ ସରକାରୀ ବସ ଚଳାଚଳ କରିବାକୁ ସରକାର ପ୍ରସ୍ତାବ ରଖିବେ କି ; ଅମ୍ବାବାଲ ଅତି ଦୁର୍ଗମ ଅଞ୍ଚଳ ହେତୁ ଜନସାଧାରଣ ବ୍ଲକ ମହକୁମା ଓ ଜିଲ୍ଲା ମହକୁମା, କୋର୍ଟ କଚେରୀକୁ ଆସିବାକୁ ବହୁତ ଅସୁବିଧା ହେଉଛନ୍ତି ଏଣୁ ଏ ଦିଗରେ ପଦକ୍ଷେପ ନେବେ କି?

----

## ଭୂତଳ ଜଳସ୍ତର ହ୍ରାସ

4236 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- କୋରାପୁଟ ଜିଲ୍ଲାର ପାହାଡିଆ ଅଞ୍ଚଳରେ ଭୂତଳ ଜଳସ୍ତର ବିଗତ 10 ବର୍ଷରେ କେତେ ପରିମାଣରେ ହ୍ରାସ ହୋଇଛି ଓ ଉକ୍ତ ଅଞ୍ଚଳରେ ଭୂତଳ ଜଳସ୍ତର ବୃଦ୍ଧିପାଇଁ ସରକାର କି କି ପଦକ୍ଷେପ ଗ୍ରହଣ କରିଛନ୍ତି?

----

## ବିସ୍ଥାପିତ ପରିବାରଙ୍କର Social economic status ନିର୍ଦ୍ଧାରଣ

4237 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:-

ଜଳଭଣ୍ଡାର ଯୋଗୁଁ ବିସ୍ଥାପିତ ହୋଇଥିବା ପରିବାର ଗୁଡିକର Social economic status କିପରି ନିର୍ଦ୍ଧାରଣ କରାଯାଏ ; ଓଡିଶାର କେତୋଟି ଜଳଭଣ୍ଡାର ହୋଇଅଛି ଓ କେତେ ଏହାଦ୍ୱାରା ପ୍ରଭାବିତ ଲୋକଙ୍କର Social economical status survey କରାଯାଇଅଛି ; କୋରାପୁଟ ଜିଲ୍ଲାର ଜଲାପୁଟ ଓ କୋଲାବ ଜଳଭଣ୍ଡାର ଯୋଗୁଁ ବିସ୍ଥାପିତ ହୋଇଥିବା ପରିବାର ମାନଙ୍କର ତାଲିକା ପ୍ରଦାନ କରିବେ କି ଓ ସେମାନଙ୍କର Social economy status survey କେଉଁ ମସିହାରେ ଓ କେଉଁ ସଂସ୍ଥା ଦ୍ୱାରା କରାଯାଇଅଛି ତାର latest report ପ୍ରଦାନ କରିବେ କି?

----

## ବକେୟା ଜଳ କର

**4238 ଶ୍ରୀ ଭାସ୍କର ମଢେଇ (ଉଦଳା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ରାଜ୍ୟର ହୀରାକୁଦ ଜଳଭଣ୍ଡାରରୁ କେଉଁ କେଉଁ ଶିଳ୍ପ ସଂସ୍ଥାମାନଙ୍କୁ ଜଳ ଯୋଗାଇ ଦିଆଯାଉଛି ; ଶିଳ୍ପ ସଂସ୍ଥାଗୁଡିକ ଫୋ-ମିଟର ନଲଗାଇ ପାଣି ଚୋରୀ କରୁଥିବାର ତଥ୍ୟ ଅଛି କି ; କେତେ ଶିଳ୍ପ ସଂସ୍ଥାର ଜଳ କର ବାକି ଅଛି ; ଶ୍ୟାମ ମେଟାଲିକ୍ସ ପାୱାର ଲିମିଟେଡ, ଭୂଷଣ ଶିଳ୍ପ ସଂସ୍ଥା, TRL କ୍ରୋସାରି ରିଫ୍ରାକ୍ଟେରିଜ ଲିମିଟେଡ ଓ ଠାକୁର ପ୍ରସାଦ ଷ୍ଟିଲ୍ ଲିମିଟେଡ୍ , ଆର୍ଯ୍ୟନ ଇସ୍ପାତ ସଂସ୍ଥା ମାନଙ୍କର ଜଳ କର କେତେ ବାକି ଅଛି?

----

## ଜମିକୁ ଅନ୍ୟ ଶ୍ରେଣୀର ବ୍ୟକ୍ତି ମାନଙ୍କ ଦ୍ୱାରା ଦଖଲ

**4239 ଶ୍ରୀ ଭାସ୍କର ମଢେଇ (ଉଦଳା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ନିରୀହ SC/ST ବ୍ୟକ୍ତି ବିଶେଷମାନେ ତାଙ୍କ ନିଜ ଜମିକୁ ଅନ୍ୟ ଶ୍ରେଣୀର ବ୍ୟକ୍ତିମାନେ ବଳପୂର୍ବକ ଦଖଲ କରିବା ଏବଂ ବିଶେଷ କରି ସେମାନେ ବସବାସ କରୁଥିବା ଘରକୁ ରାସ୍ତା (ସରକାରୀ ଜମି) ସେମାନଙ୍କ ନାମରେ ନଥିବା ଏବଂ ତିନିପଢି ଜମି ଯଥା A- ଜେଜେ Grand father ଜମି ନାତି ନାଁକୁ ଆସିପାରୁନାହିଁ ଏହାର ସରଳୀକରଣ ତଥା ସମାଧାନର ବ୍ୟବସ୍ଥା କରିବେ କି?

----

## ଉଦଳା ଠାରେ ସୂଚନା ଓ ପାଠାଗାର କାର୍ଯ୍ୟାଳୟ

**4240 ଶ୍ରୀ ଭାସ୍କର ମଢେଇ (ଉଦଳା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ମୟୁରଭଞ୍ଜ ଜିଲ୍ଲା ଉପଖଣ୍ଡ ଉଦଳା ଠାରେ ସରକାରଙ୍କ ସୂଚନା ଓ ପାଠାଗାର ପାଇଁ ନୂତନ ଭାବରେ ଏକ କାର୍ଯ୍ୟାଳୟ ସ୍ଥାପନ କରିବେ କି?

----

## ଜାତୀୟ ଛୁଟି ଦିନକୁ ଘୋଷଣା

**4241 ଶ୍ରୀ ଭାସ୍କର ମଢେଇ (ଉଦଳା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରା ଦିନ ପାଇଁ କେନ୍ଦ୍ର ସରକାର ଜାତୀୟ ଛୁଟି ଦିବସ ରୂପେ ଘୋଷଣା ପାଇଁ କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ପଠାଇବେ କି ଏବଂ ରାଜ୍ୟ ରାଜ୍ୟ ବାହାରୁ ଅଧିକ ଭକ୍ତ ଆସୁଥିବାରୁ ସେମାନଙ୍କ ପାଇଁ ଭକ୍ତ ନିବାସ, ଅତିଥି ଭବନ ଓ ଶୌଚାଳୟର ବ୍ୟବସ୍ଥା ସୁଲଭ ମୂଲ୍ୟରେ ଯୋଗାଇବା ପାଇଁ ବିହିତ ପଦକ୍ଷେପ ନେବେ କି?

----

## ଭୂତଳ ଜଳ ହ୍ରାସ

4242 **ଶ୍ରୀ ଭାସ୍କର ମଢେଇ (ଉଦଳା):**

**ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

----

## ନୂତନ ରାଜସ୍ୱ ଗ୍ରାମ ଘୋଷଣା

4243 **ଶ୍ରୀ ରାଜେନ୍ଦ୍ର ଢୋଲକିଆ (ନୂଆପଡା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ସରକାରଙ୍କ ପୂର୍ବ ନିଷ୍ପତ୍ତି ଅନୁଯାୟୀ ନୂଆପଡା ଜିଲ୍ଲାରେ କେତୋଟି ନୂତନ ରାଜସ୍ୱ ଗ୍ରାମ ସରକାର ମଞ୍ଜୁର କରିଛନ୍ତି ; ନୂଆ ରାଜସ୍ୱ ଗ୍ରାମ ଚିହ୍ନଟ ପୂର୍ବରୁ ପୁରୁଣା ରାଜସ୍ୱ ଗ୍ରାମ କେତେ ଥିଲା ; ଆଉ କେତେ ଗ୍ରାମକୁ ନୂତନ ଭାବରେ ମାନ୍ୟତା ଦିଆଯିବ ସେ ଅନୁଯାୟୀ ନୂତନକୁ Demarcation କରାଗଲାଣି କି ; ଏହି ପ୍ରକ୍ରିୟା ସମାପ୍ତ ହେବାକୁ ଆଉ କେତେଦିନ ଲାଗିବ?

----

## ନୂତନ ରାଜସ୍ୱ ଗ୍ରାମ ଘୋଷଣା

4244 **ଶ୍ରୀ ରାଜେନ୍ଦ୍ର ଢୋଲକିଆ (ନୂଆପଡା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ନୂଆପଡା ନିର୍ବାଚନ ମଣ୍ଡଳୀରେ ଯେଉଁ କେତୋଟି ନୂତନ ରାଜସ୍ୱ ଗ୍ରାମ ପାଇଁ ପ୍ରସ୍ତାବ ଅଛି ଉକ୍ତ ପ୍ରସ୍ତାବ ଅନୁଯାୟୀ କେଉଁ କେଉଁ ସ୍ଥାନରେ କେଉଁ କେଉଁ ଗ୍ରାମକୁ ନେଇ କେତୋଟି R.I.Circle ହେବ ତାର ଏକ ତାଲିକା ସହିତ କେବେ ସୁଦ୍ଧା ଏହି R.I. Circle ହେବ ଜଣାଇବେ କି ?

----

## ରେଳପଥ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ

4245 **ଶ୍ରୀ ରାଜେନ୍ଦ୍ର ଢୋଲକିଆ (ନୂଆପଡା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ପ୍ରସ୍ତାବିତ ନୂଆପଡାରୁ ବରଗଡ ଭାୟା ପଦ୍ମପୁର ରେଳପଥ ପାଇଁ ରାଜ୍ୟ ସରକାର କେଉଁ କେଉଁ ପଦକ୍ଷେପ ନେଇଛନ୍ତି ; ଉପରୋକ୍ତ ରେଳପଥ ପ୍ରକଳ୍ପ ପାଇଁ କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କ ପାଖରୁ କେତେ ଜମି ଅଧିଗ୍ରହଣ କଲେଣି କି ନାଁ ; ଯଦି ଜମି ଅଧିଗ୍ରହଣ କରାଯାଇନାହିଁ ତେବେ ସରକାର ବର୍ତ୍ତମାନ ସୁଦ୍ଧା କଣ ପଦକ୍ଷେପ ଗ୍ରହଣ କରିଛନ୍ତି?

----

## ଜମିକୁ ଜଳ ଯୋଗାଣ

4246 **ଶ୍ରୀ ରାଜେନ୍ଦ୍ର ଢୋଲକିଆ (ନୁଆପଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:-

ଲୋୟର ଇନ୍ଦ୍ର ପ୍ରୋଜେକ୍ଟରୁ କୋନାବିରା ଗ୍ରାମ ପଞ୍ଚାୟତକୁ ମେଗା ଲିଫ୍ଟ ପ୍ରୋଜେକ୍ଟ ନିମନ୍ତେ 42 କୋଟିର ଅଟକଳ ହୋଇ ପାସ କରାଯାଇଥିଲା ; ତାର Tender ପ୍ରକ୍ରିୟା କେବେ ସୁଦ୍ଧା ହେବାର ଲକ୍ଷ୍ୟ ରଖାଯାଇଛି ; ଏହି ମେଗା ଲିଫ୍ଟ ହେଲେ କେଉଁ କେଉଁ ଗ୍ରାମପଞ୍ଚାୟତର କେଉଁ କେଉଁ ଗ୍ରାମକୁ ଏବଂ କେତେ ହେକ୍ଟର ଜମିକୁ ପାଣି ଯୋଗାଇ ଦେବାର ପ୍ରସ୍ତାବ ଅଛି?

----

## ପଡାଗ୍ରାମକୁ ରାଜସ୍ୱ ଗ୍ରାମ ଘୋଷଣା

4247 **ଶ୍ରୀ ରାଜେନ୍ଦ୍ର ଢୋଲକିଆ (ନୁଆପଡା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ରାଜ୍ୟ ସରକାରଙ୍କ ଦ୍ୱାରା ପଡା ଗ୍ରାମକୁ ରାଜସ୍ୱଗ୍ରାମ କରିବା ନିମନ୍ତେ କେବେ ବିଜ୍ଞପ୍ତି ପ୍ରକାଶ ପାଇଥିଲା ; ଏହି ବିଜ୍ଞପ୍ତି ଆଧାରରେ କେଉଁ ଜିଲ୍ଲାରୁ କେତୋଟି ପଡାଗ୍ରାମକୁ ରାଜସ୍ୱ ଗ୍ରାମ କରିବା ନିମନ୍ତେ ପ୍ରସ୍ତାବ ଆସିଥିଲା ; ନୂଆପଡା ନିର୍ବାଚନ ମଣ୍ଡଳୀର କେଉଁ କେଉଁ ପଡାକୁ ରାଜସ୍ୱ ଗ୍ରାମରେ ପରିଣତ କରିବା ପାଇଁ ପ୍ରସ୍ତାବ ଆସିଥିଲା ଏବଂ ସେ ମଧ୍ୟରୁ କେତୋଟି କାର୍ଯ୍ୟକାରୀ ହୋଇଛି ; ଯଦି କିଛି ପ୍ରସ୍ତାବ ନାକଚ ହୋଇଛି ତେବେ କେଉଁ କାରଣରୁ ନାକଚ ହୋଇଛି?

----

## ଖଣି ମାଲିକଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ

4248 **ଶ୍ରୀ ରୋହିତ ଯୋଶେଫ ତିର୍କି (ବୀରମିତ୍ରପୁର):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

(କ) ସୁନ୍ଦରଗଡ ଜିଲ୍ଲାରେ ଅନେକ ଖଣି ବେନିୟମ ଭାବରେ ପରିଚାଳିତ ହେଉଥିବା ସତ୍ୟ କି ; ଉକ୍ତ ଖଣି ମାଲିକମାନେ କେତେକ ମୁଷ୍ଟିମେୟ କର୍ମଚାରୀଙ୍କ ଇଙ୍ଗିତରେ ପରିଚାଳନା କରୁଥିବା ସତ୍ୟ କି ; (ଖ) ଉକ୍ତ ଖଣି ମାନଙ୍କରେ ବେନିୟମ ଭାବରେ ବିସ୍ଫୋରକ(ଡିନାମାଇଟ ଇଡି) ବ୍ୟବହାର କରାଯାଉଥିବା ସତ୍ୟ କି ; ଯଦି ହଁ କେବେ ଉକ୍ତ ନିୟମ ଖିଲାପକାରୀ ମାଲିକଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ?

----

## ସିମେଣ୍ଟ ପ୍ଲାଣ୍ଟ ପ୍ରତିଷ୍ଠା

4249 **ଶ୍ରୀ ରୋହିତ ଯୋଶେଫ ତିର୍କି (ବୀରମିତ୍ରପୁର):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବିରମିତ୍ରପୁରରେ ଥିବା B.S.L. କମ୍ପାନୀ ଏବଂ ପୁରୁଣାପାଣି ଖଣି ଅଞ୍ଚଳରେ ଯଥାକ୍ରମେ ସିମେଣ୍ଟ ପ୍ଲାଣ୍ଟ ଏବଂ Slag Cement Plant ଲାଗି ସରକାର ଯତ୍ନବାନ ହେବେ କି?

----

## ବେଆଇନ୍ ଷ୍ଟୋନ କ୍ରସର

4250 **ଶ୍ରୀ ରୋହିତ ଯୋଶେଫ ତିର୍କି (ବୀରମିତ୍ରପୁର):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ)ଝିଟିଆରା ଠାରେ ବେନିୟମ ଷ୍ଟୋନ୍ କ୍ରସର ଜନୈକ ବ୍ୟକ୍ତି ଦ୍ୱାରା ଚଲାଉଥିବା ସତ୍ୟ କି ; (ଖ) ଉକ୍ତ ମାଲିକଙ୍କ ଦ୍ୱାରା ପ୍ରାୟ 10 ଏକର ଜାଗା, ଆଦିବାସୀମାନଙ୍କ ଓ ଜଙ୍ଗଲ କିସମ ଜମି ଦଖଲ କରୁଥିବା ସତ୍ୟ କି ; ଯଦି ହଁ ତେବେ ଉକ୍ତ ମାଲିକଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ କି?

----

## ପାଚେରୀ ନିର୍ମାଣ

4251 **ଶ୍ରୀ ରୋହିତ ଯୋଶେଫ ତିର୍କି (ବୀରମିତ୍ରପୁର):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ବେଶ୍ରାପଡାସ୍ଥିତ ହାର୍ଡଷ୍ଟୋଟକ୍ୱାରି ଖଣି ଯୋଗୁଁ ହୋଇଥିବା ଗଭୀର ଖନନ ଯୋଗୁଁ ଉକ୍ତ ଖଣିରେ ଜଳପରିପୂର୍ଣ୍ଣ ହେଉଥିବା ହେତୁ ଅନେକ ଧନ ଜୀବନ ନଷ୍ଟ ହେଉଥିବା ସତ୍ୟ କି ; (ଖ) ଯଦି ହଁ ତାହେଲେ ଉକ୍ତ ଖଣିର ଚତୁଃପାର୍ଶ୍ୱରେ ପାଚେରୀ ନିର୍ମାଣ ବା ମାଟି ଫିଲିଂ ଲାଗି ଖଣିମାଲିକଙ୍କୁ ନିର୍ଦ୍ଦେଶ ଦେବେ କି?

----

## ବେନିୟମ୍ ଖଣି ଖନନ

4252 **ଶ୍ରୀ ରୋହିତ ଯୋଶେଫ ତିର୍କି (ବୀରମିତ୍ରପୁର):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) କୁଆରମୁଣ୍ଡା ବ୍ଲକ ଅନ୍ତର୍ଗତ କୁମଝରିଆ ଗ୍ରାମ ପଞ୍ଚାୟତର ବେଶ୍ରାପଡା ଠାରେ ଚାଲୁଥିବା ଖଣି ବେନିୟମ୍ ଭାବରେ ଆଦିବାସୀ ଓ ଜଙ୍ଗଲ ଜମିକୁ ବ୍ୟବହାର କରୁଥିବା ସତ୍ୟ କି, (ଖ) ଉକ୍ତ ଖଣିରେ ବେନିୟମ୍ ଭାବରେ ବିସ୍ଫୋରଣ କରାଯାଉଥିବା ହେତୁ ଅନେକ ଆଦିବାସୀଙ୍କ ବାସ ଗୃହ ଏବଂ ବିଦ୍ୟାଳୟର କ୍ଷତି ହେଉଥିବା ସତ୍ୟ କି ?

----

## ଟ୍ରକ ମାଲିକଙ୍କୁ ନ୍ୟାୟ ପ୍ରଦାନ

4253 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ଚମ୍ପୁଆ ନିର୍ବାଚନ ମଣ୍ଡଳୀ ସହ କେନ୍ଦୁଝର ଜିଲ୍ଲାର କେଉଁ ବ୍ଲକ ଓ ପୌର ସଂସ୍ଥାରେ କେଉଁ କେଉଁ ବର୍ଗର କେତେଗୋଟି ଭାରୀ ଯାନ ଖଣିଜ ପରିବହନରେ ନିୟୋଜିତ ଅଛନ୍ତି, ତନ୍ମଧ୍ୟରୁ କେତେଗୋଟି ଋଣ ମାଧ୍ୟମରେ କ୍ରୟ କରାଯାଇଛି, ଜିଲ୍ଲାରେ ଏକଚାଟିଆ ଖଣିଜ ପରିବହନ ବ୍ୟବସ୍ଥା ସମ୍ପାଦନ ହେତୁ ଟ୍ରକ ମାଲିକମାନେ କ୍ଷତି ସହି ଋଣ ପରିଶୋଧ କରି ନପାରିବାରୁ ବ୍ୟାଙ୍କ ଓ ଫାଇନାନ୍ସ କମ୍ପାନୀ ଗାଡ଼ି ଗୁଡ଼ିକୁ ଜବତ କରୁଥିବା ପରିପ୍ରେକ୍ଷୀରେ ଟ୍ରକ ମାଲିକମାନଙ୍କୁ ନ୍ୟାୟ ପ୍ରଦାନ ପାଇଁ କି ପଦକ୍ଷେପ ନିଆଯାଉଅଛି ?

----

## ରାସ୍ତା ଦୁର୍ଘଟଣା ରୋକିବା ପାଇଁ ପଦକ୍ଷେପ

4254 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବିଗତ ପାଞ୍ଚ ବର୍ଷରେ କେନ୍ଦୁଝର ଜିଲ୍ଲା ସହ ରାଜ୍ୟର କେଉଁ ଜିଲ୍ଲାରେ କେତେଗୋଟି ରାସ୍ତା ଦୁର୍ଘଟଣା ସଂଗଠିତ ହୋଇ କେତେ ଲୋକ ମୃତାହତ ହୋଇଛନ୍ତି, ତାହାର ବିବରଣୀ ଦର୍ଶାଇ ରାଜ୍ୟରେ ରାସ୍ତା ଦୁର୍ଘଟଣା ହ୍ରାସ ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ଓସ୍ୱାସ୍ ମାଧ୍ୟମରେ ନଥି କାର୍ଯ୍ୟ

4255 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କେନ୍ଦୁଝର ଜିଲ୍ଲା ସହ ରାଜ୍ୟର ସମସ୍ତ ସର୍କିଟ୍ ହାଉସ୍‌ରେ ୱାଇଫାଇ ବ୍ୟବସ୍ଥା ପ୍ରବର୍ତ୍ତନ କରି ଅଧିକାରୀମାନଙ୍କ ଜିଲ୍ଲା ଗସ୍ତ ସମୟରେ 'କମ୍ପ୍ୟୁଟର' ଓ 'ଓସ୍ୱାସ୍' ମାଧ୍ୟମରେ ନଥି କାର୍ଯ୍ୟ ସୁସଂହତ ନିମନ୍ତେ କି ପଦକ୍ଷେପ ନିଆଯାଉଅଛି ?

----

## ଜଳ ସେଚନ ପ୍ରକଳ୍ପକୁ ପୁନଃ କାର୍ଯ୍ୟକ୍ଷମ କରିବାକୁ ପଦକ୍ଷେପ

4256 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ଚମ୍ପୁଆ ନିର୍ବାଚନ ମଣ୍ଡଳୀ ସହ କେନ୍ଦୁଝର ଜିଲ୍ଲାର କେଉଁ ବ୍ଲକରେ କେତେଗୋଟି ଉଠାଜଳସେଚନ ପ୍ରକଳ୍ପ ପ୍ରତିଷ୍ଠା ହୋଇଥିବା ବେଳେ ତନ୍ମଧ୍ୟରୁ କେତୋଟି ଅଚଳ ଅବସ୍ଥାରେ ଅଛି, ଏହାକୁ ପୁନଃ କାର୍ଯ୍ୟକ୍ଷମ କରି ଜଳସେଚନ ବ୍ୟବସ୍ଥା ତ୍ୱରାନ୍ୱିତ ପୂର୍ବକ ଚାଷ କାର୍ଯ୍ୟର ବିକାଶ ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ପଦବୀ ପୂରଣ

4257 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- କେନ୍ଦୁଝର ଜିଲ୍ଲାର କେଉଁ ରାଜସ୍ୱ କାର୍ଯ୍ୟାଳୟରେ ମଞ୍ଜୁରୀପ୍ରାପ୍ତ କେଉଁ ବର୍ଗର ଅଧିକାରୀ ଓ କର୍ମଚାରୀ ପଦବୀରୁ କେତେ ପଦବୀ ଖାଲି ଅଛି, ଏହା ପୂରଣ ପାଇଁ କି ପଦକ୍ଷେପ ନିଆଯାଉଅଛି ?

----

## ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ପ୍ରଦାନ

4258 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ-ଃ- ଓଡ଼ିଶାକୁ ସ୍ୱତନ୍ତ୍ର ଶ୍ରେଣୀ ରାଜ୍ୟରମାନ୍ୟତା ବା ସ୍ୱତନ୍ତ୍ର ଆର୍ଥିକ ସହାୟତା ଯୋଗାଇ ଦେବାପାଇଁ ରାଜ୍ୟ ସରକାରଙ୍କ ତରଫରୁ କେନ୍ଦ୍ର ସରକାରଙ୍କ ଠାରେ କେବେ କେବେ କି କି ଦାବୀପତ୍ର ଗତ ୨୦୧୯ ରୁ ୨୦୨୪ ମାର୍ଚ୍ଚ ୩୧ ମଧ୍ୟରେ ପ୍ରଦାନ କରାଯାଇଛି ଓ କେନ୍ଦ୍ର ସରକାର ସେହି ସେହି ଦାବୀପତ୍ର ଉପରେ କି କି ପଦକ୍ଷେପ ଗ୍ରହଣ କରିଛନ୍ତି ?

----

## ଲଘୁ ଖଣିଜ ପଦାର୍ଥ ଭାବରେ ଚିହ୍ନଟ

4259 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା)ଃ**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- (କ) କେଉଁ କେଉଁ ଖଣିଜ ପଦାର୍ଥକୁ ଲଘୁ ପଦାର୍ଥ ଭାବରେ କେଉଁ କେଉଁ ଆଦେଶ ବଳରେ ଚିହ୍ନଟ କରିଛନ୍ତି, (ଖ) ଲଘୁ ଖଣିଜ ପଦାର୍ଥକୁ ୨୦୧୯-୨୦ ଠାରୁ ୨୦୨୩-୨୪ ମଧ୍ୟରେ କେଉଁ କେଉଁ ବର୍ଷ କେତେ କେତେ ପରିମାଣର ରାଜସ୍ୱ ଆଦାୟ କରାଯାଇଛି ?

----

## ଶାହା କମିଶନ ରିପୋର୍ଟ

4260 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା)ଃ**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ ଖଣି ଦୁର୍ନିତୀର ତଦନ୍ତ ପାଇଁ ବସିଥିବା ଶାହା କମିଶନ ତାଙ୍କ ରିପୋର୍ଟରେ କଣ କଣ ସୁପାରିଶ କରିଛନ୍ତି କହିବେ କି, ଏହି ରିପୋର୍ଟ ଆଧାରରେ ବର୍ତ୍ତମାନ ସୁଦ୍ଧା କି କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ?

----

## ଖଣି ରାଜସ୍ୱର ତାଲିକା

4261 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା)ଃ**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- (କ) ରାଜ୍ୟ ସରକାର ୨୦୧୯-୨୦ ଠାରୁ ୨୦୨୩-୨୦୨୪ ଆର୍ଥିକ ବର୍ଷ ମଧ୍ୟରେ କେତେ କେତେ ପରିମାଣର ଖଣି ରାଜସ୍ୱ ଆଦାୟ କରିଛନ୍ତି ତାର ଏକ ବର୍ଷଓ୍ୱାରୀ ତାଲିକା ଦେବେ କି, (ଖ) ଚଳିତ ୨୦୨୪-୨୫ ବର୍ଷ ମଧ୍ୟରେ ଏହି ରାଜସ୍ୱ କେତେ ମିଳିବ ବୋଲି ଆକଳନ କରାଯାଉଛି ?

----

## ଗୋବରୀ ନଦୀର ପୁନଃରୁଦ୍ଧାର

4262 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ଗୋବରୀ ନଦୀର ପୁନଃରୁଦ୍ଧାର ପାଇଁ ସରକାର ୨୦୧୯-୨୦ ରୁ ଆଜି ପର୍ଯ୍ୟନ୍ତ କିକି ପଦକ୍ଷେପ ନେଇଛନ୍ତି ଓ କେଉଁ କେଉଁ ବର୍ଷ ଏଥିନିମନ୍ତେ କେତେ ଟଙ୍କା ବ୍ୟୟ କରିଛନ୍ତି କହିବେ କି, କେନ୍ଦ୍ରାପଡା ଓ ପଟାମୁଣ୍ଡାଇ ବ୍ଲକ ଅଞ୍ଚଳରେ ପ୍ରବାହିତ ଏହି ନଦୀର ପୁନଃରୁଦ୍ଧାର ପାଇଁ ୨୦୨୪-୨୫ ରେ କେତେ ଟଙ୍କାର ବ୍ୟୟ ଅଟକଳ କରାଯାଇଛି ?

----

## ଶାଖା କେନାଲକୁ କାର୍ଯ୍ୟକ୍ଷମ

4263 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:-

(କ) ରେଙ୍ଗାଲୀ ଦକ୍ଷିଣ କେନାଲର ନରସିଂହପୁର ଶାଖା କେନାଲ କେବେ ପୂର୍ଣ୍ଣରୂପରେ କାର୍ଯ୍ୟକ୍ଷମ ହେବାପାଇଁ ସ୍ଥିର କରାଯାଇଅଛି, ଅଦ୍ୟାବଧି କେତେ କି.ମି. କେନାଲ ଖନନ କାର୍ଯ୍ୟ ହୋଇଅଛି ଏବଂ ଏହାର ବ୍ୟୟ ଅଟକଳ କେତେ ଜଣାଇବା ସହ ଏହା ସଂପୂର୍ଣ୍ଣ ରୂପେ କାର୍ଯ୍ୟକ୍ଷମ ହେଲେ ଆଠଗଡ଼ ଅଞ୍ଚଳର କେତେ ହେକ୍ଟର ଜମିକୁ ଜଳସେଚିତ ହୋଇପାରିବ ତାହାର ଏକ ପଞ୍ଚାୟତୱାରୀ ତଥ୍ୟ ପ୍ରଦାନ କରିବେ କି , ଖ) UGPL ମାଧ୍ୟମରେ ଏ ଯାବତ୍ କେତେ ଶତାଂଶ କାର୍ଯ୍ୟ ହୋଇଛି ଓ ଏଥିରେ କେତେ ଅର୍ଥ ବନିଯୋଗ ହୋଇଛି , ଏହି କାର୍ଯ୍ୟଗୁଡିକ କେବେ ସୁଦ୍ଧା ସଂପୂର୍ଣ ହେବାପାଇଁ ଚୁକ୍ତି କରାଯାଇଛି, ଏହାର ସବିଶେଷ ବିବରଣୀ ପ୍ରଦାନ କରିବେ କି ?

----

## L.I. Points କୁ କାର୍ଯ୍ୟକ୍ଷମ ପାଇଁ ପଦକ୍ଷେପ

4264 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ଚାଷୀମାନଙ୍କ ଜଳସେଚନ ପାଇଁ ଉଠା ଜଳସେଚନ ବିଭାଗର ମାଧ୍ୟମରେ ଚାଲୁଥିବା L.I. Point ଗୁଡିକରେ Annual Maintenance ପାଇଁ କୌଣସି ବ୍ୟବସ୍ଥା ହୋଇନଥିବାରୁ ତାହା ଅଚଳ ହୋଇ ପଡିରହୁଛି, ତେଣୁ ଏଗୁଡ଼ିକୁ ମରାମତି ନିମନ୍ତେ ବିଭାଗ ପକ୍ଷରୁ କେତେଗୋଟି L.I. Points କୁ କାର୍ଯ୍ୟକ୍ଷମ ହେଉଛି, କେତେ ଅର୍ଥ ଓ କି କି ପଦକ୍ଷେପ ଗତ ଦୁଇ ବର୍ଷରେ ଦେଇଛନ୍ତି ?

----

## ଖଣି ପଟ୍ଟାଦାରଙ୍କଠାରୁ ଆଦାୟ କରି ଜୋରିମାନା ଅର୍ଥ ବ୍ୟୟ

4265 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ଖଣି ପଟ୍ଟାଦାରଙ୍କଠାରୁ ଆଦାୟ କରାଯାଇଥିବା ଜୋରିମାନା ଅର୍ଥକୁ କେଉଁ କେଉଁ ଜିଲ୍ଲାର କେତେ ସଂଖ୍ୟକ ପ୍ରଭାବିତ ଲୋକଙ୍କ ପାଇଁ କି କି ବିକାଶ ନିମନ୍ତେ କିଭଳି କେତେ ଅର୍ଥ କେବେସୁଦ୍ଧା ବ୍ୟୟ କରାଯିବାର ଯୋଜନା କରାଯାଇଛି, ଅଦ୍ୟାବଧି ସମୁଦାୟ ଅର୍ଥରୁ କେତେ ପ୍ରତିଶତ ଅର୍ଥ କେଉଁ ଜିଲ୍ଲାରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଓ ପରିବେଶ ସୁରକ୍ଷା ନିମନ୍ତେ ନିର୍ଦ୍ଦିଷ୍ଟ ଭାବେ ବ୍ୟୟ କରାଯାଇଛି, ୨୦୨୩-୨୪ ବର୍ଷରେ କେଉଁ କ୍ଷେତ୍ରରେ କେତେ ବ୍ୟୟ କରାଯିବାର ଯୋଜନା ସ୍ଥିର କରାଯାଇଛି ?

----

## ଅହେତୁକ ଜଳ ନିଷ୍କାସନର ସ୍ଥାୟୀ ପ୍ରତିକାର

4266 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ-ଃ-

କ) ଆଠଗଡ଼ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ "ଛତିଶାପାଟ" ଡ୍ରେନେଜ ଡିଭିଜନ ଅଧନରେ ଅହେତୁକ ଜଳ ନିଷ୍କାସନ ହେବା ଦ୍ୱାରା ଏହି ଅଞ୍ଚଳରେ ପ୍ରାୟ ୫୫୨୫ ଏକର ଜମି ଜଳମଗ୍ନ ହୋଇ କ୍ଷତିଗ୍ରସ୍ତ ହେଉଥିବା ସରକାର ଅବଗତ ଅଛନ୍ତି କି, ଯଦି ଉତ୍ତର ହଁ ହୁଏ, ତେବେ ଏହାକୁ ଦୃଷ୍ଟିରେ ରଖି ଅଞ୍ଚଳର ଚାଷୀମାନଙ୍କ କ୍ଷୟକ୍ଷତି ପାଇଁ ସରକାରଙ୍କ ପକ୍ଷରୁ କି ପଦକ୍ଷେପ ନିଆଯାଇଅଛି ,ଏବଂ ଏହାର ସ୍ଥାୟୀ ପ୍ରତିକାର ପାଇଁ ଏ ଅଞ୍ଚଳବାସୀଙ୍କ ତରଫରୁ ବାରମ୍ବାର ଅନୁରୋଧ କରାଯାଇ ଜିଲ୍ଲାସ୍ତରୀୟ ବୈଠକ ସତ୍ତ୍ୱେ ଏହାର ସମାଧାନ ନ ହେବାର କାରଣ କ'ଣ ଜଣାଇବେ କି, ଏବଂ (ଖ) ଚୌଦ୍ୱାର-କଟକ ନିର୍ବାଚନ ମଣ୍ଡଳୀର ଡ଼ିହସାହି ଠାରେ ବିଭାଗ ତରଫରୁ ହୋଇଥିବା ୮ ଗୋଟି ଜଳ ନିଷ୍କାସନ ଗେଟ୍‌ର ସୁପରିଚାଳନା ପାଇଁ କିଏ ଦାୟିତ୍ୱରେ ଅଛନ୍ତି ଜଣାଇବା ସହ, ଏଠାରେ ଜଣେ ସ୍ଥାୟୀ କର୍ମଚାରୀ ନିଯୁକ୍ତି ନିମନ୍ତେ ବିଭାଗ ପକ୍ଷରୁ ପଦକ୍ଷେପ ନେବେ କି, ଆଗାମୀ ଦିନରେ ଏହାର ସ୍ଥାୟୀ ପ୍ରତିକାର ପାଇଁ ବିଭାଗ ପକ୍ଷରୁ କି ପଦକ୍ଷେପ ଗ୍ରହଣ କରାଯାଇଛି ?

----

## ମୃତ୍ୟୁକାଳୀନ ସହାୟତା ରାଶି ପ୍ରଦାନ ପାଇଁ ଥିବା ନିୟମାବଳୀ

4267 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ)ଃ**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

କ) ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ଓ ଦୈବଦୁର୍ବିପାକ ଯୋଗୁ କ୍ଷୟକ୍ଷତି ଏବଂ ମନୁଷ୍ୟ ଓ ପଶୁପକ୍ଷୀର ମୃତ୍ୟୁହେଲେ ରାଜ୍ୟ ସରକାର କେତେ ପରିମାଣର ମୃତ୍ୟୁକାଳୀନ ସହାୟତା ରାଶି ଓ ଅନ୍ୟାନ୍ୟ କ୍ଷତିପୁରଣ ବାବଦକୁ ଦିଆଯାଉଥିବା ସାହାଯ୍ୟ ପ୍ରଦାନ କରୁଛନ୍ତି ସେ ସମ୍ବନ୍ଧୀୟ ସରକାରଙ୍କର କେଉଁ ଯୋଜନା ପାଇଁ, କେତେ ଆର୍ଥିକ ସହାୟତା ରହିଛି ଓ ଏହାର ନିୟମାବଳୀ ସହ ବିସ୍ତୃତ ବିବରଣୀ ପ୍ରଦାନ କରିବେ କି; ଏବଂ ଖ) ଏହାକୁ ଆଧାର କରି କଟକ ଜିଲ୍ଲାରେ ବିଗତ ୫ ବର୍ଷ ମଧ୍ୟରେ କେଉଁ କେଉଁ କ୍ଷୟକ୍ଷତି ପାଇଁ କେତୋଟି ଆବେଦନ ପତ୍ର ଆସିଥିଲା ତନ୍ମଧ୍ୟରୁ କେଉଁମାନଙ୍କୁ କେତେ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି ଏବଂ କେଉଁମାନଙ୍କୁ କେଉଁ କାରଣ ପାଇଁ ଅଦ୍ୟାବଧି ଏହି ସହାୟତା ଦିଆଯାଇନାହିଁ ଏହାର ବର୍ଷୱାରୀ, ତହସିଲୱାରୀ ହିତାଧିକାରୀଙ୍କ ସବିଶେଷ ବିବରଣୀ ପ୍ରଦାନ କରିବେ କି ?

----

## ତାଳଚେର-ବିମଳାଗଡ଼ ରେଳପଥର ଅଗ୍ରଗତି

**4268 ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ତାଳଚେର-ବିମଳାଗଡ଼ ରେଳପଥ ପୂର୍ଣାଙ୍ଗ ପାଇଁ କେତେ ଅର୍ଥର ଆବଶ୍ୟକତା ଥିଲାବେଳେ ଏହି ରେଳପଥ କେତେଦୂର ଅଗ୍ରଗତି କରିଛି, ଏହାକୁ କେବେ ସୁଦ୍ଧା ପୂର୍ଣ୍ଣାଙ୍ଗ କରି ଲୋକାର୍ପଣ କରାଯିବ ?

----

## ରାଜସ୍ୱ ମାମଲାର ଫଇସଲା ପାଇଁ ପଦକ୍ଷେପ

**4269 ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବଲାଙ୍ଗୀର ଜିଲ୍ଲାର ବିଭିନ୍ନ ରାଜସ୍ୱ କାର୍ଯ୍ୟାଳୟରେ କେତେଗୋଟି ରାଜସ୍ୱ ମାମଲା ବିଚାରାଧୀନ ଅଛି, ବିଗତ ପାଞ୍ଚ ବର୍ଷରେ କେତେଗୋଟି ଫଇସଲା ହୋଇଛି, ବକେୟା ମାମଲାର ଆଶୁ ଫଇସଲା ପାଇଁ କି ପଦକ୍ଷେପ ନିଆଯାଉଅଛି ?

----

## ପ୍ରକଳ୍ପ ଗୁଡ଼ିକୁ ପୁନଃ କାର୍ଯ୍ୟକ୍ଷମ କରିବା ପାଇଁ ପଦକ୍ଷେପ

**4270 ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ବଲାଙ୍ଗୀର ଜିଲ୍ଲାରେ ରାଜାରାଜୁଡା ଅମଳରୁ ନିର୍ମିତ କେଉଁ କେଉଁ ଜଳସେଚନ ପ୍ରକଳ୍ପ ଅଚଳ ଅବସ୍ଥାରେ ଥିଲାବେଳେ କେଉଁ କେଉଁ ବନ୍ଧ ଓ ପୋଖରୀ ପୋତି ହୋଇଗଲାଣି, ପ୍ରକଳ୍ପ ଗୁଡ଼ିକୁ ପୁନଃ କାର୍ଯ୍ୟକ୍ଷମ କରିବା ସହ ପୋତି ହୋଇଥିବା ବନ୍ଧ ଓ ପୋଖରୀ ଗୁଡ଼ିକୁ ପୁନରୁଦ୍ଧାର କରି ଭୂତଳ ଜଳ ପୁନଃଭରଣ ସହ ଜଳସେଚନ ବ୍ୟବସ୍ଥା ତ୍ୱରାନ୍ୱିତ ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## କେନାଲ ସମ୍ପ୍ରସାରଣ ପାଇଁ ଯୋଜନା

**4271 ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ବଲାଙ୍ଗୀର ଜିଲ୍ଲାର କେଉଁ ଜଳସେଚନ ପ୍ରକଳ୍ପରୁ ଚଳିତ ବର୍ଷ କେନାଲ ସମ୍ପ୍ରସାରଣ ପାଇଁ କି କି ଯୋଜନା କରାଯାଇଛି ?

----

## ଗ୍ରାମାଞ୍ଚଳ ମହିଳାମାନଙ୍କୁ ସ୍ୱାବଲମ୍ବନଶୀଳ କରିବାକୁ ଯୋଜନା ପ୍ରଣୟନ

**4272 ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

----

## ରେଳ ଷ୍ଟେସନ୍‌ର ଭିତ୍ତିଭୂମି ଉନ୍ନୟନ ପାଇଁ ପ୍ରକଳ୍ପ ପ୍ରସ୍ତାବ

4273 **ଶ୍ରୀ ସଂଜୀବ କୁମାର ମଲ୍ଲିକ (ଭଣ୍ଡାରୀପୋଖରୀ):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଭଦ୍ରକ ଜିଲ୍ଲାର କେଉଁ ରେଳ ଷ୍ଟେସନ୍‌ର ଭିତ୍ତିଭୂମି ଉନ୍ନୟନ ପାଇଁ ରାଜ୍ୟସରକାର କେନ୍ଦ୍ର ନିକଟରେ କେତେ ଟଙ୍କାର ପ୍ରକଳ୍ପ ପ୍ରସ୍ତାବ ବିଗତ ତିନି ବର୍ଷରେ ଉପସ୍ଥାପନ କରିଥିଲା ବେଳେ କେନ୍ଦ୍ର ସେ ବାବଦରେ କି କି ପଦକ୍ଷେପ ଗ୍ରହଣ କରିଛି ?

----

## ନୌ ପରିବହନ ବ୍ୟବସ୍ଥା

4274 **ଶ୍ରୀ ସଂଜୀବ କୁମାର ମଲ୍ଲିକ (ଭଣ୍ଡାରୀପୋଖରୀ):**

**ବାଣିଜ୍ୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ଭଦ୍ରକ ଜିଲ୍ଲା ସହ ରାଜ୍ୟର କେଉଁ କେଉଁ ସ୍ଥାନକୁ ନୌ ପରିବହନ ବ୍ୟବସ୍ଥା ପ୍ରଚଳନ ହେଉଅଛି, ଏହି କାର୍ଯ୍ୟରେ କେତେଜଣ ତାଲିମପ୍ରାପ୍ତ ଓ ପଞ୍ଜିକୃତ ନୌଚାଳକ ନିୟୋଜିତ ଅଛନ୍ତି, କେତେଗୋଟି ଡଙ୍ଗା, ଯନ୍ତ୍ରଚାଳିତ ଡଙ୍ଗା ଓ ଉନ୍ନତମାନର ନୌପରିବହନ ବ୍ୟବସ୍ଥା କରାଯାଇଛି, ନୌଚାଳକମାନଙ୍କୁ ସାମାଜିକ ସୁରକ୍ଷା ଯୋଜନାରେ ବୀମାଭୁକ୍ତ ଓ ସ୍ୱାସ୍ଥ୍ୟବୀମାଭୁକ୍ତ କରିବା ସହ ଉନ୍ନତମାନର ସୁରକ୍ଷିତ ନୌ ପରିବହନ ବ୍ୟବସ୍ଥା ସୁସମ୍ପାଦନ ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ଅଭିଯୋଗ ପତ୍ର ଉପରେ କାର୍ଯ୍ୟାନୁଷ୍ଠାନ

4275 **ଶ୍ରୀ ସଂଜୀବ କୁମାର ମଲ୍ଲିକ (ଭଣ୍ଡାରୀପୋଖରୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:-

ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଜୁଲାଇ ୧ରୁ ଅଭିଯୋଗ ପ୍ରକୋଷ୍ଠରେ ଶୁଣାଣି ପରଠାରୁ ଜଳସମ୍ପଦ ବିଭାଗ ନିମନ୍ତେ କେଉଁ କେଉଁ ବ୍ୟକ୍ତି ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ସହିତ ବିଭାଗକୁ ବ୍ୟକ୍ତିଗତ ଭାବରେ ଡାକଯୋଗେ ଓ ଇ-ମେଲ୍ ଯୋଗେ କେତେ ତାରିଖରେ ଅଭିଯୋଗ ସମ୍ୱଳିତ ପତ୍ର ପ୍ରେରଣ କରିଥିଲେ, ତନ୍ମଧ୍ୟରୁ କେତେଗୋଟି ବିଭାଗରେ ଗ୍ରହଣ ହୋଇ ପଞ୍ଜିକୃତ ହୋଇ ତାହାକୁ କାର୍ଯ୍ୟାନୁଷ୍ଠାନ ନିମନ୍ତେ କେତେ ତାରିଖରେ କେଉଁ ଅଧିକାରୀଙ୍କ ନିକଟକୁ ପ୍ରେରଣ କରାଯାଇଛି, ତନ୍ମଧ୍ୟରୁ କେତୋଟିର ସମାଧାନ ହୋଇଥିଲା ବେଳେ ଅବଶିଷ୍ଟ ଗୁଡ଼ିକର ସମାଧାନ ପାଇଁ କି ପଦକ୍ଷେପ ନିଆଯାଉଅଛି ଓ କେବେ ସୁଦ୍ଧା ସମାଧାନ ହୋଇ ଆବେଦନକାରୀଙ୍କୁ ଅବଗତ କରାଯିବ ?

----

## ଡକ୍ଟର ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ଶ୍ରାଦ୍ଧୋତ୍ସବ ଓ ଜନ୍ମଦିନ ପାଳନ

4276 **ଶ୍ରୀ ସଂଜୀବ କୁମାର ମଲ୍ଲିକ (ଭଣ୍ଡାରୀପୋଖରୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:-

ରାଜ୍ୟର କେଉଁ ବରପୁତ୍ରଙ୍କ ଜୟନ୍ତୀ ଓ ଶ୍ରାଦ୍ଧୋତ୍ସବ ସୂଚନା ଓ ଲୋକସମ୍ପର୍କ ବିଭାଗ ମାଧ୍ୟମରେ କେଉଁକେଉଁଠାରେ ପାଳନ କରୁଛନ୍ତି, ତାହାର ତାଲିକା ଦର୍ଶାଇ ଜନସଂଘର ପ୍ରତିଷ୍ଠାତା ଡକ୍ଟର ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ଚଳିତ ବର୍ଷ ଶ୍ରାଦ୍ଧୋତ୍ସବ ତା ୨୩.୦୬.୨୦୨୪ରିଖ ଓ ଜନ୍ମଦିନ ତା ୬.୭.୨୦୨୪ରିଖରେ ପାଳନ କରିବାକୁ କି ପଦକ୍ଷେପ ନିଆଯାଇଥିଲା ଓ ଏହି କାର୍ଯ୍ୟକ୍ରମରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସହିତ କେଉଁ ମନ୍ତ୍ରୀ, ପ୍ରଶାସକ ଓ ବିଶିଷ୍ଟ ବ୍ୟକ୍ତି ଯୋଗଦାନ କରିଥିଲେ, ତାହାର ବିବରଣୀ ଦର୍ଶାଇ ପୂଜ୍ୟପୂଜା କାର୍ଯ୍ୟକ୍ରମକୁ ସଠିକ୍ ଭାବରେ ପାଳନ ପାଇଁ ସରକାର ଆନ୍ତରିକତାର ସହ କି ପଦକ୍ଷେପ ନେଉଛନ୍ତି ?

----

## ନଦୀବନ୍ଧର ମରାମତି

4277 **ଶ୍ରୀ ସଂଜୀବ କୁମାର ମଲ୍ଲିକ (ଭଣ୍ଡାରୀପୋଖରୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ଚଳିତ ବର୍ଷ ଭଦ୍ରକ ଜିଲ୍ଲାର କେଉଁ ସମ୍ବେଦନଶୀଳ ବନ୍ୟା ପ୍ରବଣ ନଦୀବନ୍ଧର କେଉଁ ସ୍ଥାନରେ ମରାମତି ପାଇଁ କେତେ ଅର୍ଥ ବିନିମୟରେ କି କି କାର୍ଯ୍ୟ ସମ୍ପାଦନ ହୋଇଛି ?

----

## ଉଠାଜଳସେଚନ ପ୍ରକଳ୍ପର ସଂଖ୍ୟା

4278 **ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:-

ଦଶପଲ୍ଲା ନିର୍ବାଚନମଣ୍ଡଳୀରେ ଅଧ୍ୟାବଧି କେତୋଟି ଉଠାଜଳସେଚନ ପ୍ରକଳ୍ପ ଅଛି ଓ ତାଦ୍ୱାରା କେତେ ପରିମାଣର ଜମି ଜଳସେଚିତ ହୋଇଅଛି ତାର ବ୍ଲକ ଓ ଗ୍ରାମପଂଚାୟତୱାରି ତଥ୍ୟ ପ୍ରଦାନ କରିବେକି, ବିଗତ ଦୁଇ ବର୍ଷ ମଧ୍ୟରେ କେତେଗୋଟି ଉଠାଜଳସେଚନ ପ୍ରକଳ୍ପ କେଉଁ କାରଣରୁ ଅଚଳ ଅଛି ସେଗୁଡ଼ିକୁ ସଚଳ କରିବା ପାଇଁ କଣ ପଦକ୍ଷେପ ଗ୍ରହଣ କରାଯାଉଛି ଓ କେବେସୁଦ୍ଧା ସଚଳ କରାଯାଇ ଜଳସେଚନ ଯୋଗାଇ ଦିଆଯିବ?

----

## ନୂତନ Bus Stand ନିର୍ମାଣ

4279 **ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଦଶପଲ୍ଲା ନିର୍ବାଚନମଣ୍ଡଳୀର ନୁଆଗାଁ ବ୍ଲକ ଓ ଦଶପଲ୍ଲା ବିଜ୍ଞାପିତ ଅଂଚଳ ପରିଷଦରେ ଦୁଇଟି ନୂତନ Bus Stand ନିର୍ମାଣ ପାଇଁ ଯୋଜନା ଥିଲେ ଏ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଇଛି?

----

## ଆବେଦନ ପତ୍ର ଉପରେ କାର୍ଯ୍ୟାନୁଷ୍ଠାନ

4280 **ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

ଦଶପଲ୍ଲା ନିର୍ବାଚନମଣ୍ଡଳୀରେ କେଉଁ ତହସିଲ ଅଧିନରେ କେତେଗୋଟି ଆବେଦନ ପତ୍ର ଭୂମିହିନ ହିତାଧିକାରୀଙ୍କ ଦ୍ୱାରା ଘରଡିହ ପାଇଁ ବସୁନ୍ଧରା ଓ ଅନ୍ୟାନ୍ୟ ଯୋଜନାରେ ଅଦ୍ୟାବଧି ପଡିରହିଛି, ଉକ୍ତ ଆବେଦନ ପତ୍ରଗୁଡିକୁ ବିଚାର କରି ଘରଡିହ ପଟ୍ଟା ପ୍ରଦାନ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଇଛି ଓ କେବେସୁଦ୍ଧା ସମସ୍ତ ହିତାଧିକାରୀଙ୍କୁ ପଟ୍ଟା ପ୍ରଦାନ କରାଯିବ?

----

## Steps taken to demarcate and product the Govt. land

4281 **ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

what steps are being taken to demarcate and product the Govt. land within Dasapalla NAC, will the Govt. provide more funds for this purpose in the current financial year?

----

## ବୃହତ୍ତ ଉଠାଜଳସେଚନ ପ୍ରକଳ୍ପ

4282 **ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ-ଃ- ଦଶପଲ୍ଲା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଗଣିଆ ବ୍ଲକରେ ଏକ ବୃହତ୍ତ ଉଠାଜଳସେଚନ ପ୍ରକଳ୍ପ କରିବା ପାଇଁ ସ୍ଥିର କରୁଥିଲେ ଏ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଇଛି?

----

## ଚେକ୍‌ଡ୍ୟାମ ନିର୍ମାଣ

4283 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ-ଃ- ଖୋର୍ଦ୍ଧା ଜିଲ୍ଲାର କେଉଁ ବ୍ଲକ ଅଧିନରେ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ କେତେ ଅର୍ଥ ବିନିମୟରେ କେତେଗୋଟି ଚେକ୍‌ଡ୍ୟାମ ନିର୍ମାଣ କରାଯାଇଛି ଓ ଅଧୁକ ଚେକ୍ ଡ୍ୟାମ ନିର୍ମାଣ ପାଇଁ ସରକାର ବ୍ୟବସ୍ଥା କରିବେ କି ?

----

## ରେଳଷ୍ଟେସନର ଆଧୁନିକୀକରଣ

4284 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଖୋର୍ଦ୍ଧାରୋଡ, ରେତଙ୍ଗ, ଗୋଳବାଇ ରେଳଷ୍ଟେସନର ଆଧୁନିକୀକରଣ ଓ ସମ୍ପ୍ରସାରଣ ପାଇଁ ସରକାର ବିଗତ ପାଞ୍ଚ ବର୍ଷରେ କେନ୍ଦ୍ରଠାରେ କେତେ ଟଙ୍କାର ପ୍ରକଳ୍ପ ପ୍ରସ୍ତାବ ଉପସ୍ଥାପନ କରିଥିଲା ବେଳେ କେନ୍ଦ୍ର ଏ ବାବଦରେ କେତେ ଅର୍ଥ ସହଯୋଗ କରିଛି, ତାହାର ବିବରଣୀ ପ୍ରଦାନ କରିବେ କି ?

----

## ଲୋକସମ୍ପର୍କ କେନ୍ଦ୍ରର ଆଧୁନିକୀକରଣ

4285 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ଖୋର୍ଦ୍ଧା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କେନ୍ଦ୍ରର ଆଧୁନିକୀକରଣ ଓ ସମ୍ପ୍ରସାରଣ ସହ ଖୋର୍ଦ୍ଧାଠାରେ ଜୟଦେବ ଭବନ ଢାଞ୍ଚାରେ ଏକ ସମ୍ପ୍ରସାରିତ ଅତ୍ୟାଧୁନିକ ପ୍ରେକ୍ଷାଳୟ ପ୍ରତିଷ୍ଠା ପାଇଁ ସରକାର କି ବ୍ୟବସ୍ଥା କରୁଛନ୍ତି ?

----

## ଗୋଚର ଜମି ଜବରଦଖଲମୁକ୍ତ କରିବାକୁ ପଦକ୍ଷେପ

4286 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଖୋର୍ଦ୍ଧା ଜିଲ୍ଲାରେ କେଉଁ ତହସିଲ୍‌ର କେଉଁ ରାଜସ୍ୱ ସର୍କଲ ଅଧିନସ୍ଥ କେଉଁ ମୌଜାରେ କେତେ ପରିମାଣ ଗୋଚର ଜମି ଥିଲାବେଳେ ତନ୍ମଧ୍ୟରୁ କେତେ ଗୋଚର ଜମି ଜବରଦଖଲ ହୋଇଛି, ତାହାକୁ ଜବରଦଖଲମୁକ୍ତ କରିବାକୁ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ବାଲିଘାଟ ନିଲାମ

4287 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଖୋର୍ଦ୍ଧା ଜିଲ୍ଲାରେ କେଉଁ ନଦୀର କେଉଁଠାରେ ଥିବା ବାଲିଘାଟକୁ କେତେ ମୂଲ୍ୟରେ କେଉଁ ବ୍ୟକ୍ତିଙ୍କୁ କେତେ ମୂଲ୍ୟରେ ନିଲାମ ଦିଆଯାଇଛି ?

----

## ବସ୍ତିରେ ଜମି କିଣାବିକା

4288 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟର ବିଭିନ୍ନ ସହର ବିଶେଷକରି ଭୁବନେଶ୍ୱରରେ ସରକାରୀ ଜମି ଉପରେ ଛିଡା ହୋଇଥିବା ବିଭିନ୍ନ ବସ୍ତିରେ ଜମି କିଣାବିକା ହେଉଥିବା ଘଟଣା ସତ୍ୟକି, ଏହା ଆଇନ ସମ୍ମତ କି, ବାର୍ଷିକ କେତେ ପରିମାଣର କାରବାର ହେଉଛି ?

----

## ରାଜସ୍ୱ ଆୟ

4289 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର)ଃ**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

----

## ଅବସର ପରେ ନିଯୁକ୍ତି

4290 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ-ଃ- ସୂଚନା ଓ ଲୋକସମ୍ପର୍କ ବିଭାଗ ଅଧିନରେ ସମୁଦାୟ କେତେ ସଂଖ୍ୟକ ମଞ୍ଜୁରୀପ୍ରାପ୍ତ ପଦବୀ ରହିଛି; ସେଥିମଧ୍ୟରୁ କେଉଁ ବର୍ଗର କେତେ ପଦବୀ ଖାଲି ପଡ଼ିଛି; କେତେକ କର୍ମଚାରୀଙ୍କ ଅବସର ଗ୍ରହଣ ପରେ ମଧ୍ୟ ତାଙ୍କୁ ଚାକିରିରେ ପୁଣି ଥଇଥାନ କରାଯାଇଥିବା ଘଟଣା ସତ୍ୟ କି; କେଉଁ କେଉଁ ଅଧିକାରୀ ଓ କର୍ମଚାରୀଙ୍କୁ ଅବସର ପରେ ମଧ୍ୟ ତାଙ୍କ ନିଯୁକ୍ତି ବୃଦ୍ଧି କରାଯାଇଛି ?

----

## ନୂତନ ବସ ଚଳାଚଳ

4291 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର)ଃ**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ପରିବହନ ବିଭାଗ ଅଧିନରେ ଗତ ୫ ବର୍ଷ ମଧ୍ୟରେ କେତୋଟି ନୂତନ ବସ କିଣାଯାଇଛି ; କେଉଁ କେଉଁ ସଂସ୍ଥା ଓ ବ୍ୟକ୍ତି ବିଶେଷକୁ ଏହି ବସ କିଣିବାକୁ ଟେଣ୍ଡର ଦିଆଯାଇଥିଲା, ଏଥିପାଇଁ ରାଜକୋଷରୁ କେତେ ଅର୍ଥ ବିନିଯୋଗ କରାଯାଇଛି, ନୂତନ ବସ ଗୁଡ଼ିକ ମଧ୍ୟରୁ କେତୋଟି ବସ ସଚଳ ଓ କେତୋଟି ବସ ଅଚଳ ହୋଇ ପଡ଼ିରହିଛି , ନୂତନ ବସଗୁଡ଼ିକ ଅଚଳ ହୋଇ ଖତ ଖାଉଥିବା ସତ୍ୟ କି ?

----

## ଲଘୁ ଖଣିଜ ସମ୍ପଦର ଚୋରାଚାଲାଣ

4292 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର)ଃ**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ ବାର୍ଷିକ କେତେ ପରିମାଣର ଲଘୁଖଣିଜ ସମ୍ପଦ ଚୋରା କାରବାର ହେଉଛି, ଏହା ଦ୍ୱାରା ରାଜ୍ୟ ସରକାର କେତେ ରାଜସ୍ୱ ହରାଉଛନ୍ତି, ବାଲି, ମାଟି ମୋରମ ଚୋରା ଚାଲାଣ ରୋକିବା ପାଇଁ ରାଜ୍ୟ ସରକାର କି ପଦକ୍ଷେପ ଗ୍ରହଣ କରିଛନ୍ତି ?

----

## ରୟାଲଟି ବାବଦରେ ରାଜସ୍ୱ ଆୟ

4293 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା)ଃ**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଓଡ଼ିଶା ସରକାର କେଉଁ ସବୁ ଖଣିରୁ କେତେ ରାଜସ୍ୱ ପାଉଛନ୍ତି ଓ ସେସ୍ ବାବଦକୁ କେତେ ପାଉଛନ୍ତି ଓ ରୟାଲଟି ବାବଦକୁ କେତେ ପାଉଛନ୍ତି ?

----

## ରାଜ୍ୟ ଯୋଜନା ବୋର୍ଡ଼ର ବୈଠକ

4294 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ଗରୀବି ସଂଖ୍ୟା କମିବା ପାଇଁ ଉତ୍ତର କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କି କି ଯୋଜନା ବିଭିନ୍ନ ଜିଲ୍ଲାମାନଙ୍କରେ ଚାଲିଛି ଓ ଏ ବାବଦରେ କେନ୍ଦ୍ର ସରକାର ଓ ରାଜ୍ୟ ସରକାର କେତେ କେତେ ଅନୁଦାନ ଦେଉଛନ୍ତି; ଗତ ୫ ବର୍ଷ ଭିତରେ ଓ ଏହାଦ୍ୱାରା ୫ ବର୍ଷ ଭିତରେ କେତେ ଗରିବୀ ହ୍ରାସ ହୋଇଛି ; ରାଜ୍ୟ ଯୋଜନା ବୋର୍ଡ଼ର ନୂତନ ସରକାରଙ୍କର 1st ବୈଠକ କେବେ ବସିବ ?

----

## ଭିତ୍ତିଭୂମି ବିକାଶ

4295 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ବାଣିଜ୍ୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ କେତୋଟି ସରକାରୀ Printing Press କେଉଁ କେଉଁ ସ୍ଥାନରେ ଅଛି ଓ ସେଗୁଡ଼ିକରେ କି କି କାମ କରାଯାଇଥାଏ ; ସ୍କୁଲ, କଲେଜ ଓ ବିଶ୍ୱବିଦ୍ୟାଳୟ ପ୍ରଶ୍ନପତ୍ର ଗୁଡ଼ିକ ସେହି ସରକାରୀ ପ୍ରେସରେ ହୁଏ କି; Press ଗୁଡ଼ିକର ଭିତ୍ତିଭୂମି ବିକାଶ ପାଇଁ ଆବଶ୍ୟକ ସଂଖ୍ୟକ କର୍ମଚାରୀ ଦେବେ କି ?

----

## ସଚିବାଳୟ ଯିବାପାଇଁ ଅନୁମତି ପ୍ରଦାନ

4296 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ସାମ୍ବାଦିକ ମାନଙ୍କୁ ସଚିବାଳୟ ଯିବାପାଇଁ ସରକାର ଅନୁମତି ଦେବା ସହ RTI Activist ମାନଙ୍କ ଉତ୍ତର ଦେବାପାଇଁ ସରକାର ଯତ୍ନବାନ ହେବେ କି ?

----

## ପୋଲାଭରମ ପ୍ରକଳ୍ପ ସମ୍ପର୍କରେ

4297 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ପୋଲାଭରମ ପ୍ରକଳ୍ପ ଆନ୍ଧ୍ର ଯାହା ନିର୍ମାଣ କରୁଛି ତାହା ଓଡ଼ିଶାର କେଉଁ ଅଞ୍ଚଳକୁ କିପରିଭାବେ ବିପଦ ସୃଷ୍ଟି କରୁଛି; ସେହିଭଳି ପୋଲାଭରମ ପ୍ରକଳ୍ପ ନିର୍ମାଣ କ୍ଷେତ୍ରରେ ଆନ୍ଧ୍ର ସରକାରଙ୍କ ସହ ଆପୋଷ ବୁଝାମଣା ଓ ମହାନଦୀ ଜଳବିବାଦ ଯୋଗୁଁ ଛତିଶଗଡ଼ ସରକାରଙ୍କ ସହ ଆପୋଷ ଆଲୋଚନା କରିବେ କି ?

----

## ଖଣି ନିଲାମ

4298 **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟ ସରକାର ଖଣି ନିଲାମ କରୁଛନ୍ତି ସେ ନିଲାମର Criteria କଣ ଅଛି; ଖଣିର ମାର୍କେଟ Value ଓ ନିଲାମ ଭିତରେ କେତେ ପାର୍ଥକ୍ୟ ହେଉଛି; ନିଲାମ ସମୟରେ ସରକାରଙ୍କର କେଉଁସବୁ ସର୍ତ୍ତ ଥାଏ ; ମାନ୍ୟବର ସୁପ୍ରିମ କୋର୍ଟ ଖଣିମାନଙ୍କରୁ ସେସ ଆଦାୟ କରିବା ପାଇଁ ଯେଉଁ ନିର୍ଦ୍ଦେଶ ଦେଇଛନ୍ତି ତାକୁ ସରକାର କେଉଁସବୁ କେତେ ଜଣ ମାଲିକଙ୍କଠାରୁ ଆଦାୟ କରିବେ; ଇତିମଧ୍ୟରେ ରାଜ୍ୟ ସରକାର କେତେ ଖଣି ମାଲିକଙ୍କ ନାମରେ ଖଣି ଚୋରା କାରବାର ଓ ଚୁକ୍ତି ଉଲଙ୍ଘନ କାରବାର ଯୋଗୁଁ ମାମଲା କରିଛନ୍ତି ଓ restrict କଣ ହୋଇଛି ; ଖଣିଗୁଡ଼ିକର ସୁପରିଚାଳନା ଉତ୍ପାଦନ, ପରିବହନ ଓ ଖଣି ଲୁଟକୁ ରୋକିବା ଲାଗି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର କି କି ଦାୟିତ୍ୱ ଓ କର୍ତ୍ତବ୍ୟ ସଠିକ ଭାବେ ପାଳନ କରୁଛନ୍ତି ?

----

## ବୀମାରାଶି ବୃଦ୍ଧି ପାଇଁ ପଦକ୍ଷେପ

4299 **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ-ଃ- ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାରେ ଅନ୍ତର୍ଭୁକ୍ତ କର୍ତ୍ତବ୍ୟରତ ସାମ୍ବାଦିକମାନଙ୍କ ପାଇଁ ସରକାର ବୀମା, ସୀମା ୫ ଲକ୍ଷରୁ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରିବାପାଇଁ ପଦକ୍ଷେପ ନେବା ସହ ଚଳିତ ମାସରେ ପୁନର୍ବାର ବୀମା ସୁବିଧା ପାଇଁ Apply କରିବାକୁ ବିଜ୍ଞପ୍ତି ପ୍ରକାଶ କରିବାକୁ ବିଳମ୍ବ କରିବାର କାରଣ କଣ ; ଏହି ବୀମା ସୁବିଧା ସରକାର ଚାଲୁ ରଖିବେ ନା ନାମ ବଦଳାଇ କିଛି ନୂଆ ଯୋଜନା କରିବେ ଉତ୍ତର ଦେବେ କି ; ସେହିପରି ଭାବରେ 5T ସମ୍ବନ୍ଧୀୟ ଯେ କୌଣସି ତଥ୍ୟ RTI Activist ମାନେ ଜାଣିବାକୁ ଚାହୁଁଛନ୍ତି ସରକାର ତଥ୍ୟ ଲୁଚାଇବାର କାରଣ କଣ; 5T ରେ ହୋଇଥିବା ସମସ୍ତ କାମ, ନିଷ୍ପତ୍ତି ଓ ଖର୍ଚ୍ଚ ଉପରେ ସରକାର ସବୁ ତଥ୍ୟ ନିଜଆଡୁ Public Domain ରେ ରଖିବେ କି ?

----

## ଅନୁଦାନ ବୃଦ୍ଧି

4300 **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ-ଃ- ୨୦୧୦ ମସିହାଠାରୁ ଆଜି ପର୍ଯ୍ୟନ୍ତ ଓଡ଼ିଶାରୁ ଯେତେ ଜଣ ରାଜ୍ୟସଭାକୁ ଯାଇଛନ୍ତି ସେମାନଙ୍କୁ ସମୁଦାୟ ହାତପାଣ୍ଠି ବାବଦକୁ କାହାକୁ କେତେ ମିଳିଛି ଓ ସେ ପଇସାରେ କି କି କାମ କେଉଁ ଜିଲ୍ଲାରେ କେତେ ଟଙ୍କା ବିନିମୟରେ ହୋଇଛି ବର୍ଷୱାରୀ ରିପୋର୍ଟ ଦେବେ କି ; ସେହିପରି ସବୁଠାରୁ ବେଶୀ ପାଣ୍ଠି ଗତ ୩ ବର୍ଷରେ କେଉଁ ଜିଲ୍ଲାକୁ କେଉଁ ବ୍ଲକକୁ କେଉଁ କାମ ବାବଦକୁ ଦିଆଯାଇଛି; ଗରୀବ ଆଦିବାସୀ ଅଧ୍ୟୁଷିତ ଓ ଅବହେଳିତ ଅନୁନ୍ନତ ଅଞ୍ଚଳ ଜିଲ୍ଲା, ବ୍ଲକ ମାନଙ୍କୁ କେତେ ହାତପାଣ୍ଠି ଦିଆଯାଇଛି ; ସେହିପରି ସରକାର ବିଧାୟକମାନଙ୍କ ହାତ ପାଣ୍ଠି ବୃଦ୍ଧି କରିବା ସହ Special Problem Fund, Special Development Fund, Critical Fund ଗୁଡ଼ିକରେ ଅନୁଦାନ ବୃଦ୍ଧି କରିବା ପାଇଁ ପଦକ୍ଷେପ ନେବେ କି ?

----

## DMF Fund ବିନିଯୋଗ

4301 **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର)ଃ**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ବିଭିନ୍ନ ଖଣିଜ ଉତ୍ତୋଳନ, ପରିବହନ ଓ ନିଲାମ ମାଧ୍ୟମରେ ରାଜ୍ୟ ରାଜକୋଷକୁ କେତେ ଅର୍ଥ ଗତ ଦୁଇବର୍ଷରେ ଆସିଛି ; DMF Fund ବାବଦକୁ କେତେ ଅର୍ଥ ଗତ ୨ ଆର୍ଥିକ ବର୍ଷରେ ଆସିଛି ଓ ସେଥିରେ କି କି କାମ କେଉଁ କେଉଁ ସ୍ଥାନରେ କେତେ ଖର୍ଚ୍ଚରେ ହୋଇଛି ଉତ୍ତର ଦେବା ସହ OMBADSY Fund କେତେ ଆସିଥିଲା, କେତେ ଟଙ୍କାର କାମ କେଉଁ କାମସବୁ କେଉଁଠାରେ ହୋଇଛି ; ସେହିପରି ବିଭିନ୍ନ ବୃହତ ଶିଳ୍ପ ଓ ଖଣିମାନଙ୍କରୁ ଗତ ୩ ଆର୍ଥିକ ବର୍ଷରେ CSR ବାବଦକୁ କେତେ ଅର୍ଥ ସମୁଦାୟ ଆସିଛି କେଉଁ କେଉଁ ସଂସ୍ଥାରୁ ଓ କି କି କାମ କେଉଁ କେଉଁ ସ୍ଥାନରେ ଜନହିତକର କାମ ହୋଇଛି ତାର ଜିଲ୍ଲାୱାରୀ ଓ ବର୍ଷୱାରୀ ତାଲିକା ପ୍ରଦାନ କରିବେ କି ?

----

## ଲକ୍ଷ୍ମୀବସର ଲାଭକ୍ଷତି

4302 **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର)ଃ**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ ଲକ୍ଷ୍ମୀବସ ଗୁଡ଼ିକରେ କେତେ ଜଣ କର୍ମଚାରୀ ଅଛନ୍ତି; ସେମାନଙ୍କୁ ଦରମା କେଉଁ ସଂସ୍ଥା ଦେଉଛି; ସେହିବସଗୁଡ଼ିକ କେଉଁ ସଂସ୍ଥା କିଣିଥିଲା; ବସୁଗୁଡ଼ିକର Maintenance କେଉଁ ସଂସ୍ଥା କରୁଛି; କେଉଁ କେଉଁ ରୁଟରେ ଲକ୍ଷ୍ମୀବସଗୁଡ଼ିକ ଚାଲିବ ଓ ନିଷ୍ପତ୍ତି କିଏ ନେଉଛି; କେଉଁ ବିଭାଗ ଅଧିନରେ ଏହି ବସ ଗୁଡ଼ିକ କାମ କରୁଛି ; ବସ ଗୁଡ଼ିକର Insurance, Fitness ଏବେ ଇଞ୍ଜିନ ଗୁଡ଼ିକର କେତେ ବର୍ଷର ନୂଆ ବା ପୁରୁଣା ଓ ବସ ଗୁଡ଼ିକ କେତେ ନିରାପଦ କହିବା ସହ ପ୍ରତିଦିନ କେତୋଟି ବସ ଚାଲିବା ପାଇଁ କେତେ ଖର୍ଚ୍ଚ ହେଉଛି ଓ କେତେ ପଇସା ଯାତ୍ରୀଙ୍କଠାରୁ ଟିକଟରୁ ମିଳିଛି, ଲାଭ ହେଉଛି ନା କ୍ଷତି ହେଉଛି ?

----

## ସରକାରୀ ପ୍ରେସରେ ମୁଦ୍ରଣ ବାଧ୍ୟତାମୂଳକ ପାଇଁ ପ୍ରସ୍ତାବ

4303 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର)ଃ**

**ବାଣିଜ୍ୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟର ବିଭିନ୍ନ ସରକାରୀ ବିଭାଗ ତରଫରୁ ସେମାନଙ୍କ କାର୍ଯ୍ୟାଳୟ ପାଇଁ ଆବଶ୍ୟକ ଫର୍ମ, ପ୍ୟାଡ଼ ଆଜି ସରକାରୀ ପ୍ରେସରେ ମୁଦ୍ରଣ ବାଧ୍ୟତାମୂଳକ କରିବା ପାଇଁ ସରକାରଙ୍କ ପ୍ରସ୍ତାବ ଅଛି କି, ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ନିଆଯାଉଅଛି ?

----

## ଖଣି ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ

4304 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର)ଃ**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ କେତେଜଣ ଖଣି ଅଧିକାରୀଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ବିଚାରାଧିନ ଅଛି, ତାହାର ତାଲିକା ପ୍ରଦାନ କରିବେ କି ?

----

## ବିଚାରାଧିନ ଥିବା ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ

4305 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ ଜଳସମ୍ପଦ ବିଭାଗ ଅଧନରେ ଥିବା କେଉଁ କେଉଁ ଅଧିକାରୀ ଓ କର୍ମଚାରୀଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ବିଚାରାଧିନ ଅଛି, ତାହାର ଆଶୁ ସମାଧାନ ପାଇଁ କି ପଦକ୍ଷେପ ନିଆଯାଉଛି ?

----

## ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ

4306 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଜଗତପୁର, ଚାନ୍ଦବାଲି, ଭାୟା ସାଲେପୁର ରୁଟରେ କେଉଁ ସ୍ଥାନରୁ କେଉଁ ସ୍ଥାନ ପର୍ଯ୍ୟନ୍ତ କେତେଗୋଟି ଯାତ୍ରୀବାହୀ ବସ ଚଳାଚଳ କରୁଥିବା ବେଳେ କେଉଁ କେଉଁ ସ୍ଥାନରେ ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ ହୋଇଛି, ତାହାର ବିବରଣୀ ପ୍ରଦାନ କରିବେ କି ?

----

## ଅଚଳ ଚେକ୍ ଡ୍ୟାମ୍ କୁ ପୁନଃ କାର୍ଯ୍ୟକ୍ଷମ

4307 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ-ଃ- କଟକ ଜିଲ୍ଲାରେ କେଉଁ ବ୍ଲକରେ କେତେଗୋଟି ଚେକ୍ ଡ୍ୟାମ୍ ଅଚଳ ଅବସ୍ଥାରେ ଅଛି, ତାହାକୁ ପୁନଃ କାର୍ଯ୍ୟକ୍ଷମ କରିବା ପାଇଁ କି ପଦକ୍ଷେପ ନିଆଯାଉଅଛି ?

----

## ବଲାଙ୍ଗିର ଜିଲ୍ଲାରେ ପ୍ରକଳ୍ପ କାର୍ଯ୍ୟ

4308 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ-ଃ- ଗ୍ରାମ୍ୟ ଭିତ୍ତିଭୂମି ଉନ୍ନୟନ ପାଣ୍ଠି ଯୋଜନାରେ ବିଗତ ପାଞ୍ଚ ବର୍ଷରେ ବଲାଙ୍ଗୀର ଜିଲ୍ଲାରେ କେଉଁ କେଉଁ ପ୍ରକଳ୍ପ କାର୍ଯ୍ୟ ସମ୍ପାଦନ ହୋଇଛି, କେଉଁ ପ୍ରସ୍ତାବ ଅର୍ଥ ଆହରଣ ନିମନ୍ତେ ସୁପାରିଶ ହୋଇଛି, ଏହାର କାର୍ଯ୍ୟକାରିତା ପାଇଁ କି ପଦକ୍ଷେପ ନିଆଯାଉଅଛି ?

----

## ବକେୟା ମାମଲାର ଫଇସଲା

4309 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ବଲାଙ୍ଗୀର ଜିଲ୍ଲାର କେଉଁ ତହସିଲ୍ ଅଧୀନରେ କେତେଗୋଟି ଦାଖଲ ଖାରଜ ମାମଲା ବିଚାରାଧିନ ଅଛି, ବିଗତ ପାଞ୍ଚ ବର୍ଷରେ କେତୋଟି ଫଇସଲା ହୋଇଛି, ବକେୟା ମାମଲାର ଆଶୁ ଫଇସଲା ପାଇଁ କି ପଦକ୍ଷେପ ନିଆଯାଉଅଛି ?

----

## ପଞ୍ଜିକୃତ ଶ୍ରମିକ

4310 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- ବଲାଙ୍ଗୀର ଜିଲ୍ଲାରେ କେତେଜଣ ପରିବହନ ଶ୍ରମିକ ପଞ୍ଜିକୃତ ହୋଇଛନ୍ତି, ସେମାନଙ୍କ କଲ୍ୟାଣ ପାଇଁ କି ପଦକ୍ଷେପ ନିଆଯାଉଅଛି ?

----

## ଆଉଟସୋର୍ସିଂ ମାଧ୍ୟମରେ ନିଯୁକ୍ତି

4311 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː-

----

## ବିଜ୍ଞାପନ ପ୍ରଦାନ

4312 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିː-ː- ବଲାଙ୍ଗୀର ଜିଲ୍ଲାରୁ ପ୍ରକାଶିତ କେଉଁ ଖବରକାଗଜ, ମାଗାଜିନ୍ ଓ ଗଣମାଧ୍ୟମକୁ ବିଗତ ତିନି ବର୍ଷରେ କେତେ ସରକାରୀ ବିଜ୍ଞାପନ ପ୍ରଦାନ କରାଯାଇଛି ?

----

## କେନାଲର ଶେଷମୁଣ୍ଡ ପର୍ଯ୍ୟନ୍ତ ଜଳ ପ୍ରବାହ

4313 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିː-ː- ରାଜ୍ୟର କେତେ କେନାଲରେ ବିଭିନ୍ନ କାରଣରୁ ଶେଷ ମୁଣ୍ଡ ପର୍ଯ୍ୟନ୍ତ ଜଳ ଯୋଗାଣ ହୋଇପାରୁ ନଥିବା ସତ୍ୟ କି; ଉତ୍ତର ହଁ ହୋଇଥିଲେ ଏପରି କେନାଲର ଓ ତା ଅଧିନରେ ଥିବା ଜଳସେଚିତ ଅଞ୍ଚଳର ଜିଲ୍ଲାୱାରି ତଥା ପ୍ରକଳ୍ପ ଭିତ୍ତିକ ତଥ୍ୟ ଦେବେ କି; ଏ ସମସ୍ୟାର ସମାଧାନ ଲାଗି କଣ କରାଯାଉଅଛି ?

----

## ରାଜ୍ୟର ଦାରିଦ୍ର୍ୟ ହାର

4314 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିː-ː- ରାଜ୍ୟରେ ବର୍ତ୍ତମାନ ଦାରିଦ୍ର ହାର କେତେ ରହିଛି ଓ ଜାତୀୟ ସ୍ଥିତି ଏବଂ ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାର ଅବସ୍ଥା କଣ: ରାଜ୍ୟରେ ଜିଲ୍ଲାୱାରୀ ଦାରିଦ୍ର୍ୟ ସ୍ଥିତି ଜଣାଇବେ କି ?

----

## ବନ୍ଦର କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ପଦକ୍ଷେପ

4315 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ବାଣିଜ୍ୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟର କେଉଁ କେଉଁ ପ୍ରସ୍ତାବିତ ବନ୍ଦରର ଘରୋଇ ସଂସ୍ଥା ଗୁଡ଼ିକ ସହ ରାଜିନାମା ସତ୍ତ୍ୱେ ଆଗଉ ନଥିବା ସତ୍ୟ କି; ଯଦି ହଁ ଏ ସମ୍ପର୍କରେ ସରକାର କି ପଦକ୍ଷେପ ନେଉଛନ୍ତି ?

----

## ନଦୀକୁ ପୁନଃର୍ଜିବିତ କରିବାକୁ ପଦକ୍ଷେପ

4316 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ ମୋଟ ନଦୀ, ଉପନଦୀ, ଶାଖାନଦୀ ଓ ଜଳ ପ୍ରବାହ ହେଉଥିବା ବଡ଼ ନାଳ ଗୁଡ଼ିକର ତାଲିକା, ଦୈର୍ଘ୍ୟ ଓ ଜିଲ୍ଲାୱାରୀ ନଦୀ ପ୍ରବାହ ତଥ୍ୟ ଦେବେ କି; ସେଥି ସହ କେତୋଟି ଏହିଭଳି ନଦୀ, ନାଳ ସୁଖି ଗଲାଣି ସେ ସବୁର ବିଶେଷ ବିବରଣୀ ସହ ସେଗୁଡ଼ିକୁ ପୁନଃ ଜୀବିତ କରିବା ଲାଗି ଯଦି କୌଣସି ପଦକ୍ଷେପ ନିଆଯାଉଅଛି ?

----

## ଯାନ ବାହାନ ସଂଖ୍ୟା ବୃଦ୍ଧି

4317 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ କେଉଁ କେଉଁ ଧରଣର କେତୋଟି ଯାନ ବାହାନ ରହିଛି ଓ ଗତ ୦୫ ବର୍ଷରେ ଏ ସବୁର ବାର୍ଷିକ ବୃଦ୍ଧି ବା ହ୍ରାସ ହାର କେତେ ଥିଲା ଏବଂ ଏ କ୍ଷେତ୍ରରେ ଜାତୀୟ ସ୍ଥିତି ଅନୁସାରେ ତଥା ଅନ୍ୟ ରାଜ୍ୟ ଗୁଡ଼ିକ ତୁଳନାରେ ଓଡ଼ିଶାର ଅବସ୍ଥା କଣ ରହିଛି; ପରିବହନ ସମ୍ପର୍କୀତ ବିଭିନ୍ନ ଟିକସ ବାବଦରେ ଗତ ୦୫ ବର୍ଷରେ ପ୍ରତିବର୍ଷ ଓଡ଼ିଶା କେତେ ରାଜସ୍ୱ ପାଇଛି ଓ ତାହା ବର୍ଷକୁ କେଉଁ ହାରରେ ବୃଦ୍ଧି ପାଇଛି ବା ହ୍ରାସ ପାଇଛି ଏବଂ ଜାତୀୟ ସ୍ଥିତିରେ ଓଡ଼ିଶାର ସ୍ଥାନ କଣ ?

----

## ପ୍ରକଳ୍ପ ତାଲିକା

4318 **ଶ୍ରୀ ନୀଳମାଧବ ହିକକା (ବିଷମ -କଟକ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

----

## ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ପାଣ୍ଠି ଏବଂ ମନରେଗା ପାଣ୍ଠି ସମ୍ପର୍କରେ

4319 **ଶ୍ରୀ ନୀଳମାଧବ ହିକକା (ବିଷମ -କଟକ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ-ଃ- ବିଗତ ଦଶ ବର୍ଷ (୨୦୧୪-୨୪) ରାଜ୍ୟ ସରକାର ଦ୍ୱାରା ବିଷମ କଟକ ନିର୍ବାଚନ ମଣ୍ଡଳୀର ଚାରୋଟି ବ୍ଲକର ପ୍ରତ୍ୟେକ ପଞ୍ଚାୟତର କେଉଁ କେଉଁ ଗ୍ରାମରେ ବିଭିନ୍ନ ପାଣ୍ଠି ମାଧ୍ୟମରେ (ଯଥା ନିମ୍ନରେ ଦର୍ଶା ଯାଇଥିବା ପାଣ୍ଠିରୁ) କେଉଁ କେଉଁ କାର୍ଯ୍ୟ ହାତକୁ ନିଆ ଯାଇ ଥିଲା ଏବଂ ଉକ୍ତ କାର୍ଯ୍ୟ ବାବଦରେ କେତେ ଅର୍ଥ ଆବଣ୍ଟନ କରା ଯାଇ ଥିଲା, ତାର ବିବରଣୀ ପ୍ରଦାନ କରିବେ କି, ବିଭିନ୍ନ ପାଣ୍ଠି ଯଥା ( M.L.A LAD, S.P.F (Special problem fund), S.D.F (Special development fund), C.G (Critical gafe fund), Biju KBK (State

sector, District sector), D.M.F 5th S.F.C (State sector, District sector), ST ପାଣ୍ଠି, ବିଭିନ୍ନ headର ସୁଧ ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ପାଣ୍ଠି ଏବଂ ମନରେଗା ପାଣ୍ଠି) ଏବଂ ପ୍ରତ୍ୟେକ କାର୍ଯ୍ୟରେ ବିନିଯୋଗ ଅର୍ଥର କେତେ ବିନିଯୋଗ ପ୍ରମାଣପତ୍ର (କାର୍ଯ୍ୟୱାରି) ଦାଖଲ ହୋଇଛି ? କେତେ ପରିମାଣ ଅର୍ଥର ବିନିଯୋଗ ପ୍ରମାଣପତ୍ର ଦାଖଲ ହୋଇ ନାହିଁ ?

----

## ରାୟଗଡ଼ା ଜିଲ୍ଲାରେ ଜଳସେଚନ ପ୍ରକଳ୍ପ

4320 **ଶ୍ରୀ ନୀଳମାଧବ ହିକକା (ବିଷମ -କଟକ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ରାୟଗଡ଼ା ଜିଲ୍ଲାରେ ଜଞ୍ଜାବତି, ନାଗାବଳୀ ବଂଶ ଧାରା ବୃହଦ ନଦୀ ଗୁଡ଼ିକରେ ବୃହଦ୍ ଜଳ ଭଣ୍ଡାର ନିର୍ମାଣ କରି ଜଳ ସେଚନ ପ୍ରକଳ୍ପ ନିର୍ମାଣ ପାଇଁ ସରକାରଙ୍କ ପାଖରେ ପ୍ରସ୍ତାବ ରହିଛି କି, ଯଦି ନାହିଁ ଉକ୍ତ ନଦୀ ଗୁଡିକରେ ବୃହଦ୍ ଜଳ ସେଚନ ପ୍ରକଳ୍ପ ନିର୍ମାଣ କରିବେ କି, କିମ୍ବା ଉକ୍ତ ବୃହଦ ନଦୀ ଗୁଡ଼ିକୁ ବିଭାଜିତ କରି M.I.P ( minor irrigation project) ମାଧ୍ୟମରେ ଚାଷୀଙ୍କୁ ଜଳ ସେଚନ ସୁବିଧା ଯୋଗାଇ ଦେବେ କି?

----

## Valuation of land

4321 **ଶ୍ରୀ ଦାଶରଥି ଗମାଙ୍ଗ (ମୋହନା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- Whether the Bench Mark valuation of the land has been revised by Revenue and D.M. Deptt. during the year 2024-25 in different mouzas in Khurda District including the Mouza under BMC area in Bhubaneswar has been revised if so will the Govt. furnish the detail revised Bench Mark Valuation in Mouza wise ?

----

## L.I. Point ମରାମତି ନିମନ୍ତେ ହୋଇଥିବା ଖର୍ଚ୍ଚ

4322 **Shri Nilamadhab Hikaka (Bissam-cuttack):**

Will the **Chief Minister** be pleased to state that:-:- ବିଷମ କଟକ ନିର୍ବାଚନ ମଣ୍ଡଳୀର ୪ଟି ବ୍ଲକରେ କେତୋଟି ଉଠା ଜଳସେଚନ ପ୍ରକଳ୍ପ ରହିଛି, ତନ୍ମଧ୍ୟରୁ କେତୋଟି କାମଚଳା ଅବସ୍ଥାରେ ରହିଛି, ଏବଂ କେତୋଟି ଅଚଳ ଅବସ୍ଥାରେ ରହିଛି, ଗତ ପାଞ୍ଚ ବର୍ଷ ମଧ୍ୟରେ କେଉଁ କେଉଁ L.I. Point କୁ ମରାମତି ନିମନ୍ତେ କେତେ ଟଙ୍କା ଖର୍ଚ୍ଚ ହୋଇଛି ଏବଂ ଅଚଳ ଅବସ୍ଥାରେ ଥିବା L.I. point କୁ କେବେ ସୁଦ୍ଧା କାର୍ଯ୍ୟକ୍ଷମ କରିବେ ?

----

## Water conservation Fundର ସ୍ଥିତି

4323 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ Water Conservation Fund ନାମରେ ଗଠିତ କର୍ପସ ଫଣ୍ଡର ସ୍ଥିତି ସମ୍ପର୍କରେ ଏକ ବିସ୍ତୃତ ବିବରଣୀ ଜଣାଇବେ କି; ଆୟ ଓ ବ୍ୟୟର ସବିଶେଷ ବିବରଣୀ ଉପସ୍ଥାପନ କରିବେ କି ?

----

## ସୁନ୍ଦରଗଡ଼ ଜିଲ୍ଲାରେ ଥିବା ଖଣି

4324 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ସର୍ବଶେଷ ଆକଳନ ଅନୁଯାଇ ସୁନ୍ଦରଗଡ଼ ଜିଲ୍ଲାରେ କେତେ ପରିମାଣରେ କେଉଁ କେଉଁ ଖଣିଜ ପଦାର୍ଥ କେଉଁ କେଉଁଠାରେ ମଞ୍ଜୁର ରହିଛି, ସେଥି ମଧ୍ୟରୁ କେତେ ମହଜୁଦ ଥିବା କେଉଁ ଖଣିଜ ବ୍ଲକକୁ କେବେ ନିଲାମ ପ୍ରକ୍ରିୟାରେ କେତେ ପ୍ରିମିୟମରେ କାହାକୁ ପ୍ରଦାନ କରାଯାଇଅଛି ?

----

## ଶିଳ୍ପ ପାଇଁ ଜଳ ବିନିଯୋଗ ପରିମାଣ

4325 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ସୁନ୍ଦରଗଡ଼ ଜିଲ୍ଲାର ସମସ୍ତ ଖଣି/ଶିଳ୍ପ ସଂସ୍ଥାମାନେ କେଉଁ କେଉଁ ଉତ୍ସରୁ ଜଳ ଅଧିଗ୍ରହଣ କରୁଛନ୍ତି ଏବଂ ଗତ ୫ ବର୍ଷ ମଧ୍ୟରେ ସରକାରଙ୍କୁ କେତେ ଅର୍ଥରାଶି କର ଭାବେ ପ୍ରଦାନ କରିଛନ୍ତି ?

----

## ତହସିଲ କାର୍ଯ୍ୟାଳୟ କାର୍ଯ୍ୟକ୍ଷମ କରିବା ସମ୍ପର୍କରେ

4326 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ସୁନ୍ଦରଗଡ଼ ଜିଲ୍ଲାର ବିରମିତ୍ରପୁର ନିର୍ବାଚନ ମଣ୍ଡଳୀର ନୂଆଗାଁ ବ୍ଲକର ତହସିଲ କାର୍ଯ୍ୟାଳୟ କାର୍ଯ୍ୟକାରୀ ନିମନ୍ତେ ଅଞ୍ଚଳର ଜନସାଧାରଣ ବାରମ୍ବାର ଦାବି ସତ୍ତ୍ୱେ ଅଦ୍ୟାବଧି କାର୍ଯ୍ୟକାରୀ ହୋଇନାହିଁ, ତାହା କେବେସୁଦ୍ଧା କାର୍ଯ୍ୟକାରୀ ନିମନ୍ତେ ସରକାର ନିଷ୍ପତ୍ତି ନେବେ ?

----

## Number of Steel Plants

4327 **Sofia Firdous (Barabati-cuttack):**

Will the Minister for **Steel and Mines** be pleased to state that:-:- (a) The total number of steel plants in Odisha, including a detailed list specifying: The entities or parties awarded tenders for these steel plants, along with the tenure, amount of each tender, the number of vehicles involved, and the operating hours. The production and manufacturing capacity of each steel plant, including the number of vehicles used for logistics and the total area

allocated to each plant, with a map provided for reference. (b) Regarding the production output of these steel plants: How much of the production is consumed domestically versus how much is exported, including specific quantities for each plant. The ratio of manufacturing versus production in each steel plant, providing insights into how much of the capacity is being utilized for actual manufacturing versus raw material production ?

----

### ଜିଲ୍ଲାପାଳ ସମ୍ମିଳନୀର ବିବରଣୀ ପ୍ରଦାନ

**4328 ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ଗତ ୫ ବର୍ଷରେ ଜିଲ୍ଲାପାଳଙ୍କର ରାଜ୍ୟ ସ୍ତରୀୟ ସମ୍ମିଳନୀ କେବେ ହୋଇଥଲା, ଏହି ସମ୍ମିଳନୀ ରେ କେଉଁ ସବୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା ତାହାର ତଥ୍ୟ ପ୍ରଦାନ କରିବା ସହିତ ଏହି ନିଷ୍ପତ୍ତି ଜିଲ୍ଲା ସ୍ତରରେ କେତେ ପରିମାଣରେ କାର୍ଯ୍ୟକାରୀ କରାଯାଇଛି ?

----

### Daily water consumption

**4329 Sofia Firdous (Barabati-cuttack):**

Will the **Chief Minister** be pleased to state that:-:- (a) What is the daily water consumption from the Mahanadi River by industries, What is the daily water consumption from the Kathajodi River by industries, (b) is the government aware of the depleting water table in the Mahanadi and Kathajodi rivers, and if so, what are the identified solution to keep water in rivers?

----

### Daily footfall at the District Sub-Registrar Office

**4330 Sofia Firdous (Barabati-cuttack):**

Will the Minister for **Revenue and Disaster Management** be pleased to state that:-:- Considering the high volume of public transactions and the daily footfall at the District Sub-Registrar Office in Cuttack: a) is the government aware about the current deteriorated condition of the office and the access road leading to it ? b) What specific measures are being planned to renovate the office and improve the condition of the approach road to ensure better public service delivery?

----

## Total amount of funds

4331 **ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- (a) What is the total amount of funds provided by Indian Oil Corporation Limited (IOCL) for the use of water from the Mahanadi river, (b) Regarding the utilization of these funds: What specific projects or initiatives have these funds been allocated to and What is the current status of fund utilization ?

----

## ଛତିଶାପାଟ ଜଳ ନିଷ୍କାସନ ପାଇଁ ବ୍ୟବସ୍ଥା

4332 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ଚୌଦ୍ୱାର-କଟକ ନିର୍ବାଚନ ମଣ୍ଡଳୀର ଛତିଶାପାଟ ଜଳ ନିଷ୍କାସନ ପାଇଁ ବ୍ୟବସ୍ଥା କରି ଏହାକୁ ସବୁଦିନ ପାଇଁ ଶୂନ୍ୟ ଜଳପ୍ଲାବନ କରିବାକୁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ବ୍ରାହ୍ମଣମାନଙ୍କ କଲ୍ୟାଣ ପାଇଁ ପଦକ୍ଷେପ

4333 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ଦେଶର କେଉଁ କେଉଁ ରାଜ୍ୟରେ ବ୍ରାହ୍ମଣମାନଙ୍କ କଲ୍ୟାଣ ପାଇଁ ବ୍ରାହ୍ମଣ କଲ୍ୟାଣ ନିଗମ ଗଠନ ହୋଇଥିବା ବେଳେ ରାଜ୍ୟବାସୀଙ୍କୁ ଆଧ୍ୟାତ୍ମିକତାର ଚେତନାରେ ଜାଗ୍ରତ କରି ସେମାନଙ୍କ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ବିଭିନ୍ନ ସାମାଜିକ ଓ ମାଙ୍ଗଳିକ କାର୍ଯ୍ୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବା ବ୍ରାହ୍ମଣମାନଙ୍କ କଲ୍ୟାଣ ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିଛନ୍ତି ଓ ରାଜ୍ୟରେ ବ୍ରାହ୍ମଣ ଉନ୍ନୟନ ନିଗମ ଗଠନ ପାଇଁ ପଦକ୍ଷେପ ଗ୍ରହଣ କରିବେ କି ?

----

## ପଞ୍ଜିକୃତ ଅଟୋଚାଳକଙ୍କ ସଂଖ୍ୟା

4334 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

----

## ପଢିହାରୀ ପାଠାଗାରକୁ ଆଧୁନିକୀକରଣ

4335 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ-ଃ- କଟକ ସହରରେ ଥିବା ପଢିହାରୀ ପାଠାଗାରକୁ ଆଧୁନିକୀକରଣ ଓ ସମ୍ପ୍ରସାରଣ ସହ ଏହାକୁ ଇ-ଲାଇବ୍ରେରୀରେ ପରିଣତ ପାଇଁ ସରକାରଙ୍କ ପ୍ରସ୍ତାବ ଅଛି କି, ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ନିଆଯାଉଅଛି ?

----

### Accrediated ସାମ୍ବାଦିକଙ୍କ ସଂଖ୍ୟା

4336 **ଶ୍ରୀ ମନୋହର ରନ୍ଧାରି (ଡାବୁଗାଁ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ କେତେ ଜଣ Accrediated ସାମ୍ବାଦିକ ଅଛନ୍ତି ଓ ନୂତନ ଭାବେ Accrediation ପାଇଁ କେତେଜଣ ସାମ୍ବାଦିକ କେବେଠାରୁ apply କରି ଅପେକ୍ଷାରେ ଅଛନ୍ତି ଆଉ କେତେ ଦିନ ଅପେକ୍ଷା କରିବେ କହିବେ କି ?

----

### ଯୋଜନା ଗୁଡ଼ିକ ଅବସ୍ଥା

4337 **ଶ୍ରୀ ମନୋହର ରନ୍ଧାରି (ଡାବୁଗାଁ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ Biju KBK, Biju Kandhamal ଓ Gajapati Yojana ( BKOGY) , ବିଜୁ ଗାଁ ଗାଡ଼ି ଭଳି ଯୋଜନା ଗୁଡ଼ିକର ଅବସ୍ଥା କଣ, ଏହି ସବୁ ଯୋଜନାରେ ଅଧିକ ଅର୍ଥ ବ୍ୟୟ ବରାଦ ହେବାର ଅଛି କି ?

----

### ଭାରିଯାନ ସମ୍ପର୍କରେ

4338 **ଶ୍ରୀ ମନୋହର ରନ୍ଧାରି (ଡାବୁଗାଁ):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ ଚାଲୁଥିବା ସମସ୍ତ ବସ ଓ ଟ୍ରକ୍ ତଥା ଭାରୀଯାନ ସବୁ ଯେତେ ରାସ୍ତାରେ ଯାଉଛି, ଯାତ୍ରୀ ଓ ମାଲ ପରିବହନ କରୁଛନ୍ତି ସେହି ଗାଡ଼ିଗୁଡ଼ିକର Fitness ପୁରୁଣା ଇଞ୍ଜିନ ବଦଳାଇବା ସହ ସବୁ ଡ୍ରାଇଭର ମାନଙ୍କୁ ଉପଯୁକ୍ତି ଟ୍ରେନିଂ ଦେବା, ସବୁ ଟ୍ରାଫିକ ନିୟମ ବିଷୟରେ ସଚେତନ କରାଇବା ଓ ଗାଡ଼ିଗୁଡ଼ିକର ବେଗ ନିୟନ୍ତ୍ରଣରେ ରଖିବା ଓ ଦୂରଯାତ୍ରା ପାଇଁ ଗାଡ଼ି ମାନଙ୍କରେ ୨ ରୁ ଅଧିକ ଅଭିଜ୍ଞତା ସମ୍ପନ୍ନ ଡ୍ରାଇଭର କାମରେ ଲଗାଇବା ପାଇଁ ସରକାର ବାଧ୍ୟତାମୂଳକ କରିବା ସହ ଡ୍ରାଇଭର ମଦ ନ ପିଇବା ଓ ମୋବାଇଲରେ ନ ଗପିବା ପାଇଁ ଆଇନ କରିବେ କି ?

----

### ଘରୋଇକରଣ ହୋଇଥିବା ବନ୍ଦର ସମ୍ପର୍କରେ

4339 **ଶ୍ରୀ ମନୋହର ରନ୍ଧାରି (ଡାବୁଗାଁ):**

**ବାଣିଜ୍ୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- କେଉଁ କେଉଁ ବନ୍ଦର ଗୁଡ଼ିକର ଘରୋଇକରଣ କରାଯାଇଛି ଓ କେଉଁ ବନ୍ଦରକୁ କେଉଁ କମ୍ପାନୀ ବା ବ୍ୟକ୍ତି ବିଶେଷ ଭଡ଼ାରେ ନେଇ ବ୍ୟବସାୟ କରୁଛନ୍ତି ; ଖଣିମାନଙ୍କରେ ଉତ୍ତୋଳନ କରାଯାଉଥିବା କେଉଁ ଖଣିଜ ପଦାର୍ଥକୁ କେତେ ପରିମାଣରେ କାହାକୁ କେଉଁ ବନ୍ଦର ଦେଇ ରପ୍ତାନି କରାଯାଇଥାଏ ?

----

## ଲକ୍ଷ୍ମୀ ବସ୍ ସେବା ପରିଚାଳନା ସମ୍ପର୍କରେ

4340 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା)ଃ**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟର କେଉଁ କେଉଁ ଜିଲ୍ଲାରେ ଲକ୍ଷ୍ମୀ ବସ୍ ସେବା ପ୍ରଚଳନ ଆରମ୍ଭ ହୋଇଛି ଏବଂ ଏହି ଯୋଜନାରେ କେତୋଟି ବସ୍ ଚଳାଚଳ କରୁଛି, ଲକ୍ଷ୍ମୀ ବସ୍ ସେବା ପରିଚାଳନା ପାଇଁ କେଉଁ କେଉଁ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଛି ଏବଂ ସମ୍ପୃକ୍ତ ସଂସ୍ଥାକୁ ସରକାର କେତେ ଅର୍ଥ ପ୍ରଦାନ କରିଛନ୍ତି, ବର୍ତ୍ତମାନ ଲକ୍ଷ୍ମୀ ବସ୍‌ର ସ୍ଥିତି କ'ଣ ରହିଛି ଏବଂ ଚଳାଚଳ ପରଠାରୁ ଏଥିରେ କେତେ ଯାତ୍ରୀ ଯା ଆସ କରିଛନ୍ତି ତାହାର ଏକ ଜିଲ୍ଲାୱାରୀ ତାଲିକା ପ୍ରଦାନ କରିବେ କି ?

----

## ସାମ୍ବାଦିକଙ୍କୁ ମୋଟରଯାନ କ୍ରୟ ପାଇଁ ସୁବିଧା

4341 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ-ଃ- ସ୍ୱୀକୃତିପ୍ରାପ୍ତ ସାମ୍ବାଦିକମାନଙ୍କ ପାଇଁ ମୋଟରଯାନ କ୍ରୟ ଉପରେ ସୁଧର ୩ ପ୍ରତିଶତ ଭରଣା ପାଇଁ ସରକାର କେବେ ଘୋଷଣା କରିଥିଲେ, ଏହି ଘୋଷଣା ପରଠାରୁ କେତେ ଜଣ ସାମ୍ବାଦିକଙ୍କୁ ଏହି ସୁବିଧା ପ୍ରଦାନ କରାଯାଇଛି ଏବଂ ଏ ବାବଦରେ ସରକାରଙ୍କୁ କେତେ ଟଙ୍କା ପଇଠ କରିବାକୁ ପଡିଛି, ସୁବିଧା ନେଇଥିବା ସାମ୍ବାଦିକମାନଙ୍କ ନାମ ତାଲିକା ପ୍ରଦାନ କରିବା ସହିତ ସେମାନେ କେତେ ଟଙ୍କାର ସୁବିଧା ନେଇଛନ୍ତି ?

----

## ବିନା ସୁଧରେ ଋଣ ନେଇ ଇଭି ଯାନ କ୍ରୟ

4342 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ-ଃ-

----

## ଝାରସୁଗୁଡା ଜିଲ୍ଲାରେ କୋଇଲା ଉତ୍ତୋଳନ

4343 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା)ଃ**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଝାରସୁଗୁଡା ଜିଲ୍ଲାରେ ବର୍ତ୍ତମାନ କେତୋଟି କୋଇଲା ଖଣିରୁ କୋଇଲା ଉତ୍ତୋଳନ ହେଉଛି, ଗତ ୫ବର୍ଷ ମଧ୍ୟରେ କେଉଁ କେଉଁ କୋଇଲା ଖଣିରୁ କେତେ କୋଇଲା ଉତ୍ତୋଳନ ହୋଇଛି ଏବଂ ଏଥିରୁ କେତେ ରାଜ୍ୟ ଭିତରେ ବ୍ୟବହାର ହୋଇଛି ଏବଂ କେତେ ରାଜ୍ୟ ବାହାରକୁ ରପ୍ତାନି କରାଯାଇଛି, କୋଇଲା ରପ୍ତାନି ବାବଦରେ ରାଜ୍ୟ ରାଜକୋଷକୁ କେତେ ଟଙ୍କା ଏହି ସମୟ ମଧ୍ୟରେ ଆସିଛି ?

----

## ବର୍ଷା ଜଳ ସଂରକ୍ଷଣ

4344 **କୁମାରୀ ସଞ୍ଜଲି ମୁର୍ମୁ (ବାଙ୍ଗିରିପୋଷି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ମୟୂରଭଞ୍ଜ ଜିଲ୍ଲାରେ ବର୍ଷା ଜଳ ସଂରକ୍ଷଣ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି

4345 **କୁମାରୀ ସଞ୍ଜଲି ମୁର୍ମୁ (ବାଙ୍ଗିରିପୋଷି):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

2021- 2022 ରୁ 2023 - 24 ଆର୍ଥିକ ବର୍ଷରେ ରାଜ୍ୟରେ ନିର୍ମାଣାଧୀନ ଓ ନୂଆ ରେଳ ପ୍ରକଳ୍ପ କାର୍ଯ୍ୟକାରିତା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ କେନ୍ଦ୍ର ରେଳ ମନ୍ତ୍ରଣାଳୟ / ବୋର୍ଡକୁ କେଉଁ ଅର୍ଥ କେତେ ଟଙ୍କା ବରାଦ କରିବାକୁ ପ୍ରସ୍ତାବ ଦିଆଯାଇଥିଲା ଓ ଉପରୋକ୍ତ ବର୍ଷ ମଧ୍ୟରେ କେନ୍ଦ୍ର ସରକାର କେତେ ଟଙ୍କା କେଉଁ ପ୍ରକଳ୍ପ ଲାଗି ବରାଦ କରିଥିଲେ ଓ ସେଥିରୁ କେତେ ଟଙ୍କା ଖର୍ଚ୍ଚ ହୋଇଛି ଏବଂ ପ୍ରକଳ୍ପ କାର୍ଯ୍ୟ କେଉଁ କାରଣରୁ ଅଗ୍ରଗତି କରିପାରୁନି ତାହା ସୂଚନା ଦେବେ କି ?

----

## ବସ ଚଳାଚଳ ପାଇଁ ପଦକ୍ଷେପ

4346 **କୁମାରୀ ସଞ୍ଜଲି ମୁର୍ମୁ (ବାଙ୍ଗିରିପୋଷି):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀକୁ କେତେ ଗୋଟି ଓଡ଼ିଶା ସଡ଼କ ପରିବହନ ନିଗମ ବସ୍ କେଉଁଠାରୁ ଚଳାଚଳ କରୁଛି ପ୍ରକାଶ କରି ଏଠାରୁ ଭୁବନେଶ୍ୱରକୁ ବସ ବ୍ୟବସ୍ଥା ପାଇଁ କି ପଦକ୍ଷେପ ନିଆଯାଉଛି ?

----

## ବନ୍ଦର ନିର୍ମାଣ କାର୍ଯ୍ୟରେ ରେଳ ଷ୍ଟେସନକୁ ସଂଯୋଗ

4347 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ବାଣିଜ୍ୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବାଲିଆପାଳ ବ୍ଲକ ଅନ୍ତର୍ଗତ ସୁବର୍ଣ୍ଣରେଖା ନଦୀ ଚୌମୁଖ (CHAUMUKH) ମୁହାଣ ଠାରେ ବନ୍ଦର ନିର୍ମାଣ କାର୍ଯ୍ୟରେ ଅମର୍ଦାରୋଡ (Amard Road) ରେଳ ଷ୍ଟେସନକୁ ସଂଯୋଗ ପାଇଁ ରେଳ ପଥ ପ୍ରକଳ୍ପ କାର୍ଯ୍ୟ ବର୍ତ୍ତମାନ କେଉଁ ସ୍ତରରେ, ବନ୍ଦର ନିର୍ମାଣକାରୀ ସଂସ୍ଥା ଏ ଦିଗରେ ଜମି ଅଧିଗ୍ରହଣ କାର୍ଯ୍ୟ କେତେ ପରିମାଣରେ ଆଗେଇ ନେଇଛନ୍ତି ?

----

## ଓଡିଶା କୋଷ୍ଟ କେନାଲର ଖନନ

4348 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ବାଣିଜ୍ୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଇଂରେଜ ସରକାର ଅମଳରେ ବାଣିଜ୍ୟ କାରବାର ସହିତ ଜଳପଥରେ ଜନସାଧାରଣଙ୍କ ଗମନା ଗମନ ପାଇଁ ନିର୍ମାଣ କରାଯାଇଥିବା ଓଡିଶା କୋଷ୍ଟକେନାଲ ପୋତି ହୋଇ ଥିବାବେଳେ ଏହାକୁ ଖନନ କରାଯାଇ ନୂଆକରି ଜଳପଥ ସୃଷ୍ଟି କରିବାକୁ କଣ ପଦକ୍ଷେପ ନେବେ କିମ୍ବା ନେଇଛନ୍ତି ?

----

## କାର୍ଯ୍ୟରତ କର୍ମଚାରୀଙ୍କ ସଂଖ୍ୟା

**4349 ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର)ः**

**ବାଣିଜ୍ୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଘରୋଇ କମ୍ପାନୀ ଦ୍ୱାରା ନିର୍ମାଣ କରାଯାଉଥିବା ବାଲିଆପାଳ ବ୍ଲକ ସୁବର୍ଣ୍ଣରେଖା ନଦୀର ଚୌମୁଖ (chaumukh) ଠାରେ କମ୍ପାନୀ କର୍ତ୍ତୃପକ୍ଷ ଏପର୍ଯ୍ୟନ୍ତ କେତେ କର୍ମଚାରୀ ନିୟୋଜିତ କରିଛନ୍ତି ସେଥିରୁ Technical ଓ Non Technical କର୍ମଚାରୀ କେଉଁ ପ୍ରକାର କାର୍ଯ୍ୟାଳୟରେ କାର୍ଯ୍ୟରତ ଅଛନ୍ତି ଓ ନିଯୁକ୍ତିର ଭବିଷ୍ୟତ ଯୋଜନା କ'ଣ ?

----

## ଗୋପାଳପୁର ବନ୍ଦରରେ ଥିବା ଶ୍ରମିକଙ୍କ ସଂଖ୍ୟା

**4350 ଶ୍ରୀ ମନୋରଞ୍ଜନ ଦ୍ୟାନ ସାମନ୍ତରା (ଚିକିଟି)ः**

**ବାଣିଜ୍ୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- (କ) ଗୋପାଳପୁର ବନ୍ଦରରେ କେତେଜଣ ଶ୍ରମିକ 2010 ରେ କାମ କରୁଥିଲେ, 2023 ସୁଦ୍ଧା ମୋଟ ଶ୍ରମିକ (ଲୋଡ-ଅନଲୋଡ) ସ୍କେଲ୍ ଶ୍ରମିକ ସୁପରଭାଇଜର କେତେ ଏକ ତାଲିକା ଦେବେ କି, (ଖ) କାର୍ଯ୍ୟରୁ ବାଦ୍ ପଡିଥିବା ଶ୍ରମିକ (2010) ଠାରୁ କେବେ କାମରେ ଯୋଗ ଦେବେ ?

----

## କୋଷ୍ଟାଲ ହାଇୱେ ପ୍ରକଳ୍ପ

**4351 ଶ୍ରୀ ମନୋରଞ୍ଜନ ଦ୍ୟାନ ସାମନ୍ତରା (ଚିକିଟି)ः**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- (କ)ଗୋପାଳପୁର ଠାରୁ ଦିଘା କୋଷ୍ଟାଲ ହାଇୱେ ପ୍ରକଳ୍ପ କେନ୍ଦ୍ର ସରକାର କେବେ ଘୋଷଣା କରିଥିଲେ, ଏଥିପାଇଁ କେତେ ଟଙ୍କା ସ୍ଥିର କରାଯାଇଛି ଏହା ଡେରିହେବା କାରଣ କଣ, (ଖ) Coastal High way ପାଇଁ D.P.R (Project Report ବା ଏସ୍ ଏସ୍ ମେଣ୍ଟ ରିପୋର୍ଟ କେବେ ହୋଇଥିଲା ?

----

## କମ୍ପାନୀର ସଂଖ୍ୟା

**4352 ଶ୍ରୀ ମନୋରଞ୍ଜନ ଦ୍ୟାନ ସାମନ୍ତରା (ଚିକିଟି)ः**

**ଶିକ୍ଷ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

----

## OSRTC ବସ ଚଳାଚଳ ପାଇଁ ବ୍ୟବସ୍ଥା

**4353 ଶ୍ରୀ ତୁଷାରକାନ୍ତି ବେହେରା (କାକଟପୁର):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ପିରଜାହାନିଆ ଅଞ୍ଚଳ ସାମୁଦ୍ରିକ ବେଳାଭୂମି ଓ ଗଙ୍ଗାଦେବି ମୁହାଣ ର ପ୍ରାକୃତିକ ସୌନ୍ଦର୍ଯ୍ୟ ପାଇଁ ପ୍ରସିଦ୍ଧ ଲାଭ କରିଥିବାରୁ ଭୁବନେଶ୍ୱର ଠାରୁ ପିରଜାହାନିଆଁ, ଭାୟା ଅସ୍ତରଙ୍ଗ ଏବଂ କଟକ ଠାରୁ ପିରଜାହାନିଆ ଭାୟା ଅସ୍ତରଙ୍ଗ ରୁଟରେ OSRTC ବସ୍ ଚଳାଚଳ ପାଇଁ ବ୍ୟବସ୍ଥା କରିବେ କି ?

----

## ସ୍ୱାସ୍ଥ୍ୟ ବୀମା ରାଶି ବୃଦ୍ଧି

**4354 ଶ୍ରୀ ତୁଷାରକାନ୍ତି ବେହେରା (କାକଟପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ-ଃ- (କ) ବର୍ତ୍ତମାନ ଲାଗୁକରାଯାଇଥିବା ସାମ୍ବାଦିକ ମାନଙ୍କ ପାଇଁ ସ୍ୱାସ୍ଥ୍ୟ ବୀମା ରାଶି 10 ଲକ୍ଷ ଟଙ୍କାକୁ ବୃଦ୍ଧି କରିବେ କି, (ଖ)ଓ୍ୱେବେ ଚ୍ୟାନେଲ ଗୁଡିକର Registration, content Management ଏବଂ Broadcast Monitoring ପାଇଁ ରାଜ୍ୟ ରାଜ୍ୟ ସରକାର ସ୍ୱତନ୍ତ୍ର ନୀତି ପ୍ରଣୟନ କରିବେ କି ଏବଂ ସେଥିରେ କାର୍ଯ୍ୟରତ ସାମ୍ବାଦିକ ମାନଙ୍କୁ Print ଏବଂ Electronic Media ସାମ୍ବାଦିକ ମାନଙ୍କ ଭଳି ସମାନ ସୁବିଧା ଯୋଗାଇ ଦେବେ କି ?

----

## ଭଦ୍ରକ ଜିଲ୍ଲାରେ Laxmi Bus ର ସଂଖ୍ୟା

**4355 ଶ୍ରୀ ବ୍ୟୋମକେଶ ରାୟ (ଚାନ୍ଦବାଲି):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଭଦ୍ରକ ଜିଲ୍ଲାରେ କେତୋଟି Laxmi Bus ଯାତାୟତ କରୁଛି ଏବଂ କେଉଁ କଉଁ କେଉଁ ରାସ୍ତା ଦେଇ ଏହା ଚାଲୁଅଛି ଜନସାଧାରଣଙ୍କ ଆବଶ୍ୟକତାକୁ ଦେଖି ଏହି ରୁଟର ପରିବର୍ତ୍ତନ କରି ହେବ କି ?

----

## Adani Pointରୁ ପଣ୍ୟ ଦ୍ରବ୍ୟ ଆମଦାନି ଓ ରପ୍ତାନି

**4356 ଶ୍ରୀ ବ୍ୟୋମକେଶ ରାୟ (ଚାନ୍ଦବାଲି):**

**ବାଣିଜ୍ୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଧାମରାର Aadani Point ରୁ କେଉଁ କେଉଁ ପଣ୍ୟ କେତେ ପରିମାଣରେ ରପ୍ତାନି ଓ ଆମଦାନି ହେଉଛି ସେ ମଧ୍ୟରୁ ସ୍ଥଳ ପଥରେ କେତେ ଟ୍ରେନ୍ ଯୋଗେ କେତେ ପରିମାଣରେ ରପ୍ତାନି ଓ ଆମଦାନି ହେଉଛି ?

----

## Social Media ମାଧ୍ୟମରେ ପ୍ରଚାର

**4357 ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- (କ) ଓଡିଶା ସରକାରଙ୍କ ବିଭିନ୍ନ ବିଭାଗର ତଥ୍ୟ/ଖବର Social Media (Facebook/X/Instagram/Youtube) ମାଧ୍ୟମରେ ପ୍ରଚାର କରାଯାଉଅଛି ସେସବୁ ପ୍ରଚାର କାର୍ଯ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗର କର୍ମଚାରୀ ମାନଙ୍କ ଦ୍ୱାରା ସଂପାଦିତ ହେଉଛି; ନା ଏସବୁ କାର୍ଯ୍ୟ କୌଣସି ଠିକା ସଂସ୍ଥା ଗୁଡ଼ିକ ଦ୍ୱାରା ସମ୍ପାଦିତ ହେଉଛି; ଯଦି ଉତ୍ତର ଠିକା ସଂସ୍ଥା / out Sourcing, ତେବେ କେଉଁ ସବୁ ଠିକା ସଂସ୍ଥା, କେଉଁ ବିଭାଗର Social Media ପ୍ରଚାର ଦାୟିତ୍ୱରେ ଅଛନ୍ତି, ସେଥିପାଇଁ ବାର୍ଷିକ କେତେଟଙ୍କା ପ୍ରଦାନ ହେଉଛି, ସେସବୁର ତଥ୍ୟ ବିଭାଗ ୱାରୀ ପ୍ରଦାନ କରିବେ କି ?

----

## ଜମିର ମାଲିକଙ୍କୁ ପଜେସନ ପ୍ରଦାନ

4358 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବଡଚଣା ବ୍ଲକର ଦର୍ପଣ ତହସିଲ ଅଧିନସ୍ଥ ବାଲିପଡିଆ ମୌଜାରେ , ବନ୍ଦୋବସ୍ତ ସଂପନ୍ନ ହେବା ପରେ ୧୯୯୨ ମସିହାରେ ଜମି ପଟ୍ଟା ପ୍ରଦାନ ହୋଇଛି କିନ୍ତୁ ଜମିର ମାଲିକଙ୍କୁ ଏଯାଏଁ ପଜେସନ ଦିଆ ଯାଇନଥିବା ସମ୍ପର୍କରେ ଅବଗତ ଅଛନ୍ତି କି; ଜମିର ମାଲିକ ମାନଙ୍କୁ ଜମି ପଜେସନ ଦେବା ପାଇଁ ଦର୍ପଣ ତହସିଲ ଅଫିସକୁ ନିର୍ଦ୍ଦେଶ ଦେବେ କି ?

----

## ପଡାଗ୍ରାମକୁ ରଜସ୍ୱ ଗ୍ରାମର ମାନ୍ୟତା

4359 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବାଲେଶ୍ୱର ଜିଲ୍ଲାରେ କେତୋଟି ପଡା ଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ଦେବା ପାଇଁ ସରକାରୀ ସ୍ତରରେ ବିଚାରାଧିନଅଛି ରାଜସ୍ୱ ଗ୍ରାମ୍ୟର ମାନ୍ୟତା ନ ପାଇବାରୁ ସାଧାରଣ ଆଦିବାସୀ/ହରିଜନ ମାନେ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରୁ ବଞ୍ଚିତ ହେଉଛନ୍ତି ତନ୍ମଧ୍ୟରୁ ସିମୁଳିଆ/ଖଇରା ତହସିଲ ଅଧିନରେ କେଉଁ କେଉଁ ପଡାଗ୍ରାମକୁ Revenue ମୌଜା ରେ ପରିଗଣିତ କରାଯାଇଛି ?

----

## ମଞ୍ଜୁରୀ ପ୍ରାପ୍ତ ପଦବୀ ସଂଖ୍ୟା

4360 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବାଲେଶ୍ୱର ଜିଲ୍ଲାର ବିଭିନ୍ନ ରାଜସ୍ୱ କାର୍ଯ୍ୟାଳୟ ମାନଙ୍କର ମଞ୍ଜୁରୀ ପ୍ରାପ୍ତ ପଦବୀ ସଂଖ୍ୟା କେତେ ଏବଂ କେଉଁ କେଉଁ ବର୍ଗର ବର୍ତ୍ତମାନ ସୁଦ୍ଧା କେଉଁ କେଉଁ ପଦବୀ ଦୀର୍ଘଦିନ ହେବ ବିଭିନ୍ନ କାର୍ଯ୍ୟାଳୟରେ ଖାଲିପଡିଅଛି, ପଦବୀ ଗୁଡିକ ପୂରଣ ନହେବା ଦ୍ୱାରା ବିଭିନ୍ନ ରାଜସ୍ୱ ମକଦ୍ଦମା ଠିକ ସମୟରେ ସମାଧାନ ହୋଇ ପାରୁନଥିବା ସରକାରଙ୍କ ଦୃଷ୍ଟିକୁ ଆସିଛି କି ଉକ୍ତ ପଦବୀ ଗୁଡିକ ପୂରଣ ପାଇଁ କି ପ୍ରକାର ପଦକ୍ଷେପ ଗ୍ରହଣ କରିଛନ୍ତି ?

----

## ସହକାରୀ ଗ୍ରନ୍ଥାଗାରିକ ପଦବୀ ପୂରଣ

4361 **ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ସୂଚନା ଓ ଲୋକ ସଂପର୍କ ବିଭାଗର ଜିଲ୍ଲା, ଉପଖଣ୍ଡ ଓ ଉପନିର୍ଦ୍ଦେଶକ କାର୍ଯ୍ୟାଳୟ ଏବଂ ପାଠାଗାର ଗୁଡିକରେ ବର୍ଷ ବର୍ଷ ଧରି କେତେ ସହକାରୀ, ଗ୍ରନ୍ଥାଗାରିକ, ଅପରେଟର ଓ ଚତୁର୍ଥ ଶ୍ରେଣୀ କର୍ମଚାରୀ ପଦ ଖାଲି ପଡିଛି ଏହି ସବୁ ପଦ ପୂରଣ ନିମନ୍ତେ କିଛି ପଦକ୍ଷେପ ନେବାକୁ ଯାଉଛନ୍ତି କି ?

----

## ଉତ୍କଳ ପ୍ରସଙ୍ଗ ଓ ଓଡିଶା ରିଭ୍ୟୁ ପତ୍ରିକା

4362 **ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- (କ) ସରକାରଙ୍କ ପକ୍ଷରୁ ପ୍ରକାଶ ପାଇଥିବା ଉତ୍କଳ ପ୍ରସଙ୍ଗ ଓ ଓଡିଶା ରିଭ୍ୟୁ ପତ୍ରିକା ଆଗାମୀ ଦିନରେ ନିୟମିତ ଭାବେ ପ୍ରକାଶ ପାଇବ ନା ବନ୍ଦ ହୋଇଯିବ ଯଦି ପ୍ରକାଶ ପାଇବ, ଏହି ଦୁଇ ପତ୍ରିକାକୁ ସବୁ ବର୍ଗର ଲୋକଙ୍କ ନିକଟରେ ଉପଲବ୍ଧ କରିବା ପାଇଁ କିଛି ବ୍ୟବସ୍ଥା ଓ ବନ୍ଦୋବସ୍ତ କରିବେ କି, (ଖ) ଏହି ଦୁଇ ପତ୍ରିକାର ସମ୍ପାଦକ ନିଯୁକ୍ତି କେବେ ହେବ ସେନେଇ ନିର୍ଦ୍ଦିଷ୍ଟ ସୂଚନା ଦେବେ କି ?

----

## M.I.P ନିର୍ମାଣ

4363 **ଶ୍ରୀ ଦିବ୍ୟ ଶଙ୍କର ମିଶ୍ର (ଜୁନାଗଡ଼):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ଜୁନାଗଡ ନିର୍ବାଚନ ମଣ୍ଡଳୀର ଗୋଲାମୁଣ୍ଡା/ବ୍ଲକର ଖଲିଆପାଲି ପଞ୍ଚାୟତର କାଲିପୁର ଠାରେ ଏକ M.I.P ନିର୍ମାଣ ପାଇଁ ବିଭାଗ ତରଫରୁ ଆର୍ଥିକ ବ୍ୟବସ୍ଥା ହୋଇଛି କି ?

----

## ପଥର ବନ୍ଧ ନିର୍ମାଣ

4364 **ଶ୍ରୀ ଦିବ୍ୟ ଶଙ୍କର ମିଶ୍ର (ଜୁନାଗଡ଼):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ଜୁନାଗଡ ବ୍ଲକରେ ଥିବା ହାତୀ ନଦୀର ଦୁଇକୂଳ ଖାଇ ଖାଇ ଯାଉଥିବାରୁ ଏବଂ ଏହି ନଦୀକୁ ଇନ୍ଦ୍ରାବତୀ ଜଳ ପ୍ରକଳ୍ପରୁ ପାଣି ଛଡାଯାଉଥିବାରୁ ଏହାର କୂଳକୁ ରକ୍ଷା କରିବା ପାଇଁ ହାତୀ ନଦୀର ଦୁଇ କୂଳରେ ପଥର ବନ୍ଧ ନିର୍ମାଣ କରି କୂଳକୁ ରକ୍ଷା କରିବେ କି ?

----

## ସମ୍ବାଦିକଙ୍କୁ ସୁବିଧା ପ୍ରଦାନ

4365 **ଶ୍ରୀ ପ୍ରଶାନ୍ତ କୁମାର ଜଗଦେବ (ଖୋର୍ଦ୍ଧା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ଏବେ କେତେ ସାମ୍ବାଦିକ ଅଛନ୍ତି, କେଉଁ ଜିଲ୍ଲାରେ କେତେ ସାମ୍ବାଦିକ ରହିଛନ୍ତି, ସାମ୍ବାଦିକ ମାନଙ୍କୁ କେଉଁ କେଉଁ ଯୋଜନାରେ କି କି ସୁବିଧା ମିଳୁଛି ?

----

## ବସ୍ ଚଳାଚଳ ସମ୍ବନ୍ଧରେ ବିବରଣୀ ପ୍ରଦାନ

4366 **ଶ୍ରୀ ପ୍ରଶାନ୍ତ କୁମାର ଜଗଦେବ (ଖୋର୍ଦ୍ଧା):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ଏବେ କେତେ ବସ୍ ଚାଲଛି, ସେଥିରୁ କେତୋଟି ସରକାରୀ ଓ କେତୋଟି ବେସରକାରୀ ବସ୍ ରହିଛି, ସରକାରୀ ବସ୍ ରୁ ଗତ 5 ବର୍ଷ ମଧ୍ୟରେ କେତେ ଲାଭ ମିଳଛି, ସୁପର ଡିଲକ୍ସ, ଡିଲକ୍ସ ଆଦି ଭଳି କେଉଁ ବର୍ଗର କେତେ ବସ୍ ରହିଛି ?

----

## ବିକାଶମୂଳକ ଯୋଜନା ପାଇଁ ଜମିର ବିନିଯୋଗ

4367 **ଶ୍ରୀ କାଡ୍ରାକା ଆପାଲାସ୍ୱାମି (ରାୟଗଡା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- Rayagada ଉପସ୍ଥିତ The Jeypore Sugar Company ଅଧିକୃତ ସରକାରୀ ଜମି ସରକାରୀ ଖାତାକୁ କେବେ ଫେରିବ, ଫେରିବା ପରେ ସରକାର ସେ ସବୁ ଜମିକୁ ନେଇ କ'ଣ ଯୋଜନା ରଖିଛନ୍ତି, କେଉଁସବୁ ବିକାଶମୂଳକ ଯୋଜନା ପାଇଁ ସେଇ ଜମିକୁ ବିନିଯୋଗ ହେବ ?

----

## ରେଳପଥ ପାଇଁ ଜମି ଅଧିଗ୍ରହଣ

4368 **Shri Sudhir Ranjan Pattjoshi (Dharmgarh):**

Will the Minister for **Transport** be pleased to state that:-:- ଜୁନାଗଡ ନବରଙ୍ଗପୁର ନୂତନ ରେଳପଥ କଳାହାଣ୍ଡି ଜିଲ୍ଲାର କେଉଁ କେଉଁ ରାଜସ୍ୱ ଗ୍ରାମ ଦେଇ ଯାଉଛି ଓ ଏଥିପାଇଁ କେତେ ଜମି ଅଧିଗ୍ରହଣ ପାଇଁ ପ୍ରସ୍ତାବ ରହିଛି , ପ୍ରସ୍ତାବିତ ରେଳପଥରେ କେଉଁ କେଉଁ ସ୍ଥାନରେ ରେଳ ଯାତ୍ରୀଙ୍କ ପାଇଁ ରହଣିର ବ୍ୟବସ୍ଥା ବା ଷ୍ଟେସନ ରହିଛି ?

----

## DPR ପ୍ରଦାନ

4369 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ବାଣିଜ୍ୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ରାଜ୍ୟରେ କାର୍ଯ୍ୟକ୍ଷମ ଥିବା ବନ୍ଦର ଗୁଡିକରେ ଚଳିତ ଆର୍ଥିକ ବର୍ଷରେ ନୂତନ ନିଯୁକ୍ତିର ସୁବିଧା ଅଛି କି, ଯଦି 'ହଁ' ତେବେ ନିଯୁକ୍ତି କରିବାରେ ସ୍ଥାନୀୟ ବାସିନ୍ଦା ମାନଙ୍କୁ ଅଗ୍ରାଧିକାର ଦିଆଯିବ କି, ଉକ୍ତ ଆର୍ଥିକ ବର୍ଷରେ ନୂତନ ବନ୍ଦର ପ୍ରତିଷ୍ଠାର କୌଣସି ଯୋଜନା ଅଛି କି ; (ଖ) ବାଲେଶ୍ୱର ଠାରେ କାର୍ଯ୍ୟରତ ସୁବର୍ଣ୍ଣରେଖା ବନ୍ଦରର କାର୍ଯ୍ୟ କେତେ ଅର୍ଥ ବ୍ୟୟରେ କେଉଁ ସଂସ୍ଥା କରୁଛି ତାହାର ସମ୍ପୂର୍ଣ୍ଣ DPR ପ୍ରଦାନ କରିବା ସହ, ପ୍ରକଳ୍ପର ବର୍ତ୍ତମାନର ସ୍ଥିତାବସ୍ଥା କ'ଣ, ଉକ୍ତ ପ୍ରକଳ୍ପରେ କେତେଜଣ ଏବେ କେଉଁ କେଉଁ Category ରେ ଚାକିରି ପାଇଛନ୍ତି ଓ କେତେ ଆଗକୁ ନିଯୁକ୍ତି ପାଇବେ କହିବା ସହ ଉକ୍ତ ପ୍ରକଳ୍ପରେ ବହୁ ଲୋକ ବ୍ୟକ୍ତିଗତ ଜମି ହରାଇଛନ୍ତି ସେଥିପାଇଁ କାର୍ଯ୍ୟକାରୀ ସଂସ୍ଥା ସଠିକ ଭାବରେ ଧ୍ୟାନ ଦେଉନାହିଁ ଏହାର ଖବର ବିଭାଗ ପାଖରେ ଅଛି କି, ତୁରନ୍ତ ସାଧାରଣ ଲୋକଙ୍କ ସମସ୍ୟା ସମାଧାନ କରିବା ପାଇଁ ଓ ପୋର୍ଟରେ ଉନ୍ନତମାନର କାର୍ଯ୍ୟ ହେବା ପାଇଁ ଏକ ଉଚ୍ଚସ୍ତରୀୟ ତଦନ୍ତ କରିବେ କି, ଯଦି 'ହଁ' କେବେ ?

----

## Lift Irrigation Point ବିଦ୍ୟୁତ୍ ବିଲ୍ ବକେୟା

4370 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ବାଲେଶ୍ୱର ଜିଲ୍ଲାରେ ବିଶେଷତଃ ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀରେ ଏ ପର୍ଯ୍ୟନ୍ତ ଆଶାଜନକ ବର୍ଷା ନହେବା ଯୋଗୁଁ ଅର୍ଦ୍ଧାଧିକ ଚାଷ ଜମିରେ ଧାନ ରୁଆ ହୋଇପାରୁନାହିଁ, ଏସବୁ ଅଞ୍ଚଳରେ ଅନେକ Lift Irrigation Point ବିଦ୍ୟୁତ ବିଲ୍ ବକେୟା ଏବଂ ବିଭିନ୍ନ କାରଣ ଯୋଗୁଁ ଚାଲିପାରୁନାହିଁ, ଫଳରେ ଆଗକୁ ବହୁ ଚାଷଜମି ପଡିଆ ପଡିଯିବାର ସମ୍ଭାବନା ମଧ୍ୟ ଅଛି, ଏଦିଗରେ କ'ଣ ପଦକ୍ଷେପ ନେବେ ?

----

## Rail Division କରିବା ପାଇଁ ବ୍ୟବସ୍ଥା

4371 **ଶ୍ରୀ ଦୁର୍ଗା ଚରଣ ତନ୍ତୀ (ରଘୁନାଥପଲ୍ଲୀ):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କେନ୍ଦୁଝର, ମୟୂରଭଞ୍ଜ ଏବଂ ଝାରସୁଗୁଡାକୁ ନେଇ Rourkela ଠାରେ ଏକ ବୃହତ୍ Rail Division କରିବା ପାଇଁ ବ୍ୟବସ୍ଥା କରିବା ସହ ଏଥିପାଇଁ କେନ୍ଦ୍ର ସରକାର ଏବଂ Rail ବିଭାଗ ସହିତ ଆଲୋଚନା କରି ଓଡିଶାର ଦାବୀ ଉପସ୍ଥାପନ କରିବେ କି ?

----

## ସୌର ପମ୍ପ ଦ୍ୱାରା ଜଳସେଚନ

4372 **ଶ୍ରୀ ଦୁର୍ଗା ଚରଣ ତନ୍ତୀ (ରଘୁନାଥପଲ୍ଲୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ରଘୁନାଥପାଲ୍ଲୀ ନିର୍ବାଚନ ମଣ୍ଡଳୀରେ ଜଳସେଚନର ସୁବିଧା ଦିଗରେ ସରକାର କ'ଣ କାର୍ଯ୍ୟପନ୍ଥା ଗ୍ରହଣ କରିଛନ୍ତି, ସୋଲାର/ ସୌର ପମ୍ପ ଦ୍ୱାରା ଜଳସେଚନର ବିକାଶ ଦିଗରେ କ'ଣ ପଦକ୍ଷେପ ନିଆଯାଇଛି ?

----

## Airport ର ଦାୟିତ୍ୱ

4373 **ଶ୍ରୀ ଦୁର୍ଗା ଚରଣ ତନ୍ତୀ (ରଘୁନାଥପଲ୍ଲୀ)ः**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः-ः- Rourkela ରେ ଥିବା Steel Authority of India Ltd. (SAIL) ହାତରେ Airport ଦାୟିତ୍ୱ ଥିବାରୁ ଏହି ଅଞ୍ଚଳରେ କୌଣସି ବିକାଶମୂଳକ କାର୍ଯ୍ୟ ହୋଇପାରୁ ନଥିବା ଯୋଗୁଁ ଏହି Airport ର ସମ୍ପୂର୍ଣ୍ଣ ବିକାଶ ଦାୟିତ୍ୱ ରାଜ୍ୟ ସରକାର ନିଜ ହାତକୁ ନିଅନ୍ତୁ କିମ୍ବା Airport of India ହାତକୁ ଦେବା ପାଇଁ ପଦକ୍ଷେପ ନେବେ କି ?

----

## ଦେବଗଡ ଜିଲ୍ଲାରୁ କେତେ ତୀର୍ଥଯାତ୍ରୀ ପୁରୀ ଆସିଥିଲେ

4374 **ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼)ः**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः-ः- ଚଳିତ ପୁରୀ ଶ୍ରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ରଥଯାତ୍ରା ଉପଲକ୍ଷେ ଓଡିଶାର ବିଭିନ୍ନ ବ୍ଲକରୁ ଜନସାଧାରଣଙ୍କୁ ରଥଯାତ୍ରା ଦେଖିବା ପାଇଁ କେଉଁ ବ୍ଲକରୁ କେତେ ଲୋକ କେତୋଟି ବସ୍ ରେ ପୁରୀ ଆସିଛନ୍ତି, ଯଦି ଆସିଛନ୍ତି, ତା'ର ସଂଖ୍ୟା ଓ ବ୍ଲକର ନାମ କ'ଣ, ଦେବଗଡ ନିର୍ବାଚନ ମଣ୍ଡଳୀରୁ କେଉଁ ବ୍ଲକରୁ କେତେଗୋଟି ବସ୍ ରେ କେତେ ଲୋକ ଆସିଛନ୍ତି ତା'ର ବିବରଣୀ ଜିଲ୍ଲାୱାରୀ ଜଣାଇବେ କି, ଯଦି ଅନ୍ୟ ବ୍ଲକରୁ ଆସିଛନ୍ତି, ଦେବଗଡ ବ୍ଲକରୁ ଆସିନାହାନ୍ତି, ତେବେ ତା'ର କାରଣ କ'ଣ ?

----

## Uliburu Mining Scam

4375 **Shri Dasarathi Gomango (Mohana):**

Will the Minister for **Steel and Mines** be pleased to state that:-:-

In Uliburu mining scam under Keonjhar District, who has renewed license vide letter No.D/52067/Mines, on dtd.29.09.2010 without revocating of suspension order, whether this activities of that Officer is a ground of mis-conduct, dereliction of Govt. duties without non-maintaining of absolute intigrity, violation of using official power capacity or not, if yes, action has yet been initiated against such officials who granted license to M/S DSPL Ltd. on which govt. interest ?

----

## ମୁଖ୍ୟମନ୍ତ୍ରୀ ବସ୍ ସେବା

4376 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା)ः**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କେଉଁ କେଉଁ ଗ୍ରାମ ପଞ୍ଚାୟତ ଗୁଡିକରୁ ବ୍ଲକ ମୁଖ୍ୟାଳୟକୁ ଏବଂ ବ୍ଲକ ମୁଖ୍ୟାଳୟରୁ ଜିଲ୍ଲା ମୁଖ୍ୟାଳୟକୁ ମୁଖ୍ୟମନ୍ତ୍ରୀ ବସ୍ ସେବାରେ ସଂଯୋଗୀକରଣ କରାଯାଇଛି ଏବଂ ଏହି ସେବାରେ କେତୋଟି ବସ୍ ଚାଲୁଅଛି ; (ଖ) ଯେଉଁ ଗ୍ରାମ ପଞ୍ଚାୟତ ଗୁଡିକରୁ ବ୍ଲକ ମୁଖ୍ୟାଳୟକୁ ମୁଖ୍ୟମନ୍ତ୍ରୀ ଏବଂ ବ୍ଲକ ମୁଖ୍ୟାଳୟରୁ ଜିଲ୍ଲା ମୁଖ୍ୟାଳୟକୁ ମୁଖ୍ୟମନ୍ତ୍ରୀ ବସ୍ ସେବା ଦିଆଯାଇନାହିଁ ସେଗୁଡ଼ିକୁ କେବେସୁଦ୍ଧା ବସ୍ ସେବା ଯୋଗାଇ ଦିଆଯିବ ?

----

## ପାଠାଗାର ସ୍ଥାପନ

**4377 ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀରେ କେତୋଟି ସୂଚନା ଓ ପାଠାଗାର ଅଛି, ଯଦି ନାହିଁ ଏହି ନିର୍ବାଚନ ମଣ୍ଡଳୀରେ ନୂତନ ପାଠାଗାର ଖୋଲିବାକୁ ପଦକ୍ଷେପ ନେବେ କି ?

----

## M.I.P. ତାଲିକା ପ୍ରଦାନ

**4378 ଶ୍ରୀମତୀ ମନୋରମା ମହାନ୍ତି (ନର୍ଲ୍ଲା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ନର୍ଲା ନିର୍ବାଚନ ମଣ୍ଡଳୀରେ ଥିବା M.I.P ଗୁଡିକର ତାଲିକା ପ୍ରଦାନ କରିବେ କି, M.I.P. ଗୁଡିକର ଜଳଧାରଣ କ୍ଷମତା ବୃଦ୍ଧି ଓ ସୌନ୍ଦର୍ଯ୍ୟ କରଣ ପାଇଁ ସରକାରଙ୍କ କୌଣସି ଯୋଜନା ଅଛି କି ?

----

## Furnishing of details Information of Sale Deeds

**4379 Smt. Manorama Mohanty (Narla):**

Will the Minister for **Revenue and Disaster Management** be pleased to state that:-:-

The details information of Sale Deeds, Conveyance Deeds and Gift Deeds executed from 1st January, 2020 to as on date in the SR-Khandagiri, Bhubaneswar pertaining to allotment of residential plots by G.A. & P.G. Deptt. in Drawing Nos. B-361, Drawing No. B-360, Drawing No. B-371, Drawing No. B-372, Drawing No. B-1082, Drawing No. B-1082, Drawing No. B-1083 of Mouza Ghatikia and in the Drawing No. B-367 of Mouza- Bharatpur and Sampur, BBSR with detail Conveyance Deed, Sale Deed and Gift Deed Nos. of each of the above plots, including names & Addresses of the buyers, sellers, revenue Hal plot nos. and Rev. Hal Khata Nos. along with BMV in tabular form in Drawing wise may be furnished ?

----

**L.I. Point ସଂଖ୍ୟା**

4380 **ଶ୍ରୀ ମାଧବ ଧଡା (ସୋରୋ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ସୋର ନିର୍ବାଚନ ମଣ୍ଡଳୀରେ L.I. Point ସଂଖ୍ୟା କେତେ, ସେଥିମଧ୍ୟରୁ କେତେ ପଏଣ୍ଟ ଚାଲିଛି କେତେ ଅଚଳ ଅଛି ଏବଂ ଅଚଳକୁ ଚାଲୁ କରିବା ପାଇଁ ସରକାର ପଦକ୍ଷେପ ନେବେ କି, ତତ୍ସହିତ ଯେତିକି ପଏଣ୍ଟ ଚାଲୁରହିଛି, କେତେ ହେକ୍ଟର ଜମିରେ ଜଳସେଚିତ କରାଯାଉଛି, କେତୋଟି ପଏଣ୍ଟ ସରକାର ମଞ୍ଜୁର କରିସାରିଲା ପରେ ମଧ୍ୟ କାର୍ଯ୍ୟକାରୀ କରାଯାଉନାହିଁ, ବ୍ଳକୱାରୀ ଏବଂ ପୌରାଞ୍ଚଳ ତଥ୍ୟ ଦେବେ କି ଏବଂ ଆଗାମୀ ଯୋଜନା କ'ଣ ଅଛି ?

----